# ବ୍ୟାସ ସରୋବରରେ ବୋଟିଂ ନୁହେଁ, ମାଛମରା ଚାଲିଛି

**ଯାଜପୁର, ୧୩।୩**
**(ହର୍ଷବର୍ଦ୍ଧନ ବେହେରା)**

ପୌରାଣିକ ଓ ଐତିହାସିକ କିମ୍ବଦନ୍ତୀ ବହନ କରୁଥିବା ବ୍ୟାସ ସରୋବର ପ୍ରକଳ୍ପର ଜଳାଶୟ ନିର୍ମାଣ ପର୍ଯ୍ୟଟକଙ୍କ ବୋଟିଂ ସୁବିଧା ପାଇଁ ନୁହେଁ, ବରଂ ମାଛ ଚାଷ ପାଇଁ ଉଦ୍ଦିଷ୍ଟ ବୋଲି ଚର୍ଚ୍ଚା ହେଉଛି। ଶୁକ୍ରବାର ଏହି ଜଳାଶୟରେ ଶତାଧିକ ମାଛ ମରି ପଡ଼ିଥିବାର ଦେଖି ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। କେହି ଜଣେ ବିଷ ପକାଇ କିମ୍ବା ବିସ୍ଫୋରଣ କରି ମାଛ ମାରିଥିବା ଆଶଙ୍କା କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଏହି ପ୍ରକଳ୍ପକୁ ଉଦ୍‌ଘାଟନ ହେବାର ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଏହା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ବିଡମ୍ବନା ଯେ, ବୋଟିଂ ବ୍ୟବସ୍ଥା ହୋଇଥିଲେ ହେଁ ଏଯାଏ ସରୋବରରେ ବୋଟ ପଡ଼ିନାହିଁ।



ବ୍ୟାସ ସରୋବରର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ଜିଲା ଖଣିଜ ନ୍ୟାସ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠିରୁ ପ୍ରାୟ ୭୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହା ୨୦୨୧ରେ ଆରମ୍ଭ ହୋଇ ୨୦୨୫ ଫେବୃୟାରୀରେ ଶେଷ ହୋଇଥିଲା। ତଥାପି ପୂର୍ବ ଯୋଜନା ଅନୁସାରେ ପ୍ରକଳ୍ପର ପାଥୱେ, କମ୍ୟୁନିଟି ସେଣ୍ଟର, ରାସ୍ତା ଅଧାପନ୍ତରିଆ ହୋଇ ରହିଗଲା। ଅସମ୍ପୂର୍ଣ୍ଣ ପାଥୱେ ଅନାବନା ଗଛରେ ଭର୍ତ୍ତି ହୋଇ ରହିଛି। ଏହାସହ ପୋଖରୀ, ଜଙ୍ଗଲ ସୃଷ୍ଟି, ମହାଭାରତ ଯୁଗର ହସ୍ତିନାପୁର, କୌରବ ଓ ପାଣ୍ଡବ, ମାଛ ଆଖି, ଫୁଲ ବଗିଚା, ଭୀଷ୍ମ ଶରଶଯ୍ୟା, ବିଶ୍ୱରୂପ ଇତ୍ୟାଦି କାର୍ଯ୍ୟ ନୈରାଶ୍ୟଜନକ ହୋଇଛି। ବିଶେଷକରି ଜଙ୍ଗଲ ସୃଷ୍ଟି ନାମରେ ୧୦ କୋଟି ୫୦ ଲକ୍ଷ ୭୭ ହଜାର ୮୨୧ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ସବୁଜିମା ଅଶାନୁରୂପ ହୋଇପାରିନାହିଁ। କୌଣସି ସ୍ଥାନରେ ଫୁଲ ବଗିଚା ଦେଖିବାକୁ ମିଳୁନାହିଁ। ସିଭିଲ୍ କାର୍ଯ୍ୟ ପାଇଁ ୩୮.୬୪ କୋଟି, ବିଦ୍ୟୁତୀକରଣ ପାଇଁ ୭.୦୩ କୋଟି, ବୋଟିଂ, ଶିଶୁ ଉଦ୍ୟାନ, ଫ୍ଲୋଟିଂ ଫାଉଣ୍ଟେନ ଇତ୍ୟାଦି ବାବଦକୁ ସମୁଦାୟ ୬୯.୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ପାଣି ସିଞ୍ଚନ ବ୍ୟବସ୍ଥା ଠିକ୍ ଭାବେ ନିର୍ମାଣ ହେଉ ନ ଥିବାରୁ ଅଧିକାଂଶ ଗଛ ମରିଯାଇଛି। ରାସ୍ତା ନିର୍ମାଣ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। କଳିଙ୍ଗନଗର ଉନ୍ନୟନ ପରିଷଦ(କେଏନ୍‌ଡିଏ) ପକ୍ଷରୁ ଏକାଧିକ ଥର ଟେଣ୍ଡର ଆହ୍ୱାନ କରାଯାଇଥିବାବେଳେ ସେଥିରେ କେହି ଆଗ୍ରହ ପ୍ରକାଶ କରି ନ ଥିଲେ। ଫଳରେ ଏହାକୁ ଅସ୍ଥାୟୀ ଭାବେ କେଏନଡିଏ ପକ୍ଷରୁ ପରିଚାଳନା କରାଯାଉଛି। କେବଳ ଅପରାହ୍ନରେ ପର୍ଯ୍ୟଟକମାନଙ୍କଠାରୁ ୨୦ ଟଙ୍କା ଲେଖାଏ ଆଦାୟ କରାଯାଉଥିଲେ ହେଁ ବୋଟିଂ ସୁବିଧା, ଲାଇଟ୍, ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ନ ଥିବାରୁ ପର୍ଯ୍ୟଟକଙ୍କ ବୁଲିବାର ଆଗ୍ରହ ହ୍ରାସ ପାଉଥିବା ଚର୍ଚ୍ଚା ହେଉଛି। ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁ କୌଣସି ଠିକାସଂସ୍ଥା ଆବଶ୍ୟକ ପରିମାଣରେ ଅର୍ଥ ଲଗାଇ ପ୍ରକଳ୍ପ ପରିଚାଳନା ପାଇଁ ଆଗଭର ହେଉନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଜଳାଶୟରେ ଆବଶ୍ୟକ ପାଣି ରହିଛି। ଏଥିପାଇଁ ବୋଟ କିଣାଯାଇ ସାରିଛି। କିନ୍ତୁ ତାହା ଦୀର୍ଘ ଦିନ ହେଲା ଖତ ଖାଉଥିବା ସୂଚନା ମିଳିଛି। ଜଳାଶୟରେ ମାଛ ଚାଷ କରାଯାଇ ବିଷାକ୍ତ ଦ୍ରବ୍ୟ ପକାଯାଉଥିବାରୁ ସେଠାରୁ ଉତ୍କଟ ଗନ୍ଧ ହେଉଛି ବୋଲି ପର୍ଯ୍ୟଟକମାନେ କହୁଛନ୍ତି।

ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କୁ ପଚାରିବାରେ ସେ କହିଛନ୍ତି, ବ୍ୟାସସରୋବର ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ହେଲେ ସେହି ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇନାହିଁ। ମାଛ ମରି ଯାଇଥିବାର ଖବର ତାଙ୍କ ପାଖରେ ହସ୍ତଗତ ହୋଇନାହିଁ। ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ।

# ଦଧିବାମନ ଜୀଉ ମେଲଣ ଉଦ୍‌ଯାପିତ


ମେଲଣ ପଡ଼ିଆରେ ଏକତ୍ରିତ ହୋଇଥିବା ଦୋଳବିମାନ।

**ପାଣିକୋଇଲି, ୧୩।୩(ବିକାଶ ମଲ୍ଲିକ)**

କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର କରଦା ହରିହାଟ ପଡ଼ିଆଠାରେ ୧୮ତମ ଦଧିବାମନ ଜୀଉ ମେଲଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଥାନପତି ମଦନ ମୋହନ ଜୀଉ ଓ ଦଧିବାମନ ଜୀଉଙ୍କ ସମେତ ଗୋପାଳପୁରର ଗୋପୀନାଥ ଜୀଉ, ରାଧାକାନ୍ତ ଜୀଉ, ପଥରପଦା ମଦନମୋହନ ଜୀଉ ଆଦି ୫ଟି ବିମାନ ସାମିଲ ହୋଇଥିଲେ। ପଥରପଦା ମଦନମୋହନ ଜୀଉଙ୍କ ନିକଟରେ ମେଲୋଡି ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବିଶେଷକରି ଯୁବତୀଙ୍କ ସଙ୍କୀର୍ତ୍ତନ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସେହିପରି ଘୋଡ଼ାନାଚ, ବାଡ଼ି ଖେଳ, ବିଭିନ୍ନ ଦୋକାନ ବଜାର ଓ କୁନିକୁନି ପିଲାଙ୍କ ଖେଳ ଦର୍ଶକଙ୍କୁ ବିଭୋର କରିଥିଲା। ଚର୍ତୁପାର୍ଶ୍ୱରୁ ବିମାନ ଆସି ହରିହାଟ ପାଖରେ ପହଞ୍ଚିବା ପରେ ଦଧିବାମନ ଜୀଉ ମେଲଣ କମିଟି ଦ୍ୱାରା ସେମାନଙ୍କୁ ଭୋଗ ବିଦାକି ଦେଇ ବିଦାୟ ଦିଆଯାଇଥିଲା। ଆଇନଶୃଙ୍ଖଳା ରକ୍ଷା ରକ୍ଷା ପାଇଁ ପାଣିକୋଇଲି ପୋଲିସ ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଥିଲା। ମେଲଣ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମର ବହୁ ବ୍ୟକ୍ତି ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।

# ବିଡିଓଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ

## ବ୍ଲକ୍ କାର୍ଯ୍ୟାଳୟ ପିଅନଙ୍କ ନାଁରେ ଆପତ୍ତିଜନକ ଆଚରଣ ଅଭିଯୋଗ

**ରସୁଲପୁର, ୧୩।୩(ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ କାର୍ଯ୍ୟାଳୟର ପିଅନ ରତିକାନ୍ତ ମିଶ୍ର ବ୍ଲକକୁ ଆସୁଥିବା ଜନସାଧାରଣଙ୍କ ପ୍ରତି ଆପତ୍ତିଜନକ ବ୍ୟବହାର ପ୍ରଦର୍ଶନ କରୁଥିବା ନେଇ ଅଭିଯୋଗ ହେବାପରେ ଏହାର ତଦନ୍ତ କରାଯାଇ ବିଡିଓଙ୍କ ନିକଟରେ ରିପୋର୍ଟ ଦାଖଲ କରାଯାଇଛି। ତଦନ୍ତ ରିପୋର୍ଟରେ ପିଅନଙ୍କ ନାମରେ ଆସିଥିବା ଅଭିଯୋଗ ଭିତ୍ତିହୀନ, କପୋଳକଳ୍ପିତ, ଉଦ୍ଦେଶ୍ୟପ୍ରଣୋଦିତ ବୋଲି ଦର୍ଶାଯାଇଛି।

ବାହାଦଲାପୁର ପଞ୍ଚାୟତର ସୁବ୍ରତ ନାୟକଙ୍କୁ ପିଅନ ମିଶ୍ର ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ସେ ଯାଜପୁର ଜିଲାପାଳ ଅମ୍ବର କୁମାର କରଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ନଂ.୭୮/୨୬ରେ ଅଭିଯୋଗ ପଞ୍ଜୀକରଣ କରାଯିବା ସହ ତଦନ୍ତ ପାଇଁ ବିଡିଓ ସତ୍ୟାନନ୍ଦ ଦାଶଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ନିର୍ଦ୍ଦେଶ ମୁତାବକ ଚଳିତ ମାସ ୬ତାରିଖରେ ବ୍ଲକର ବରିଷ୍ଠ କିରାଣି ଅଜୟ ମାଝୀ, ସହକାରୀଯନ୍ତ୍ରୀ ସୁଚିସ୍ମିତା ବିଶ୍ୱାଳ, ସମାଜ ମଙ୍ଗଳ ସଂପ୍ରସାରଣ ଅଧିକାରୀ ବନ୍ଦିତା କରଙ୍କୁ ନେଇ ଏକ ୩ ଜଣିଆ କମିଟି ଗଠନ କରି ତଦନ୍ତ କରିବାକୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ।

ଅଭିଯୋଗକାରୀ ଦର୍ଶାଇଥିଲେ, ପିଅନ ନିଶାଦ୍ରବ୍ୟ ସେବନକରି କାମ କରୁଛନ୍ତି। ବ୍ଲକକୁ ଆସୁଥିବା ଜନସାଧାରଣଙ୍କଠାରୁ ଲାଞ୍ଚ ନେଉଛନ୍ତି। ବ୍ଲକର ଗୁପ୍ତତଥ୍ୟ ପଦାରେ ପ୍ରକାଶ କରୁଛନ୍ତି। ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକ ଥାଇ ବିଭିନ୍ନ ବିଭାଗ କର୍ମଚାରୀଙ୍କ ଉପରେ ଚାପ ସୃଷ୍ଟି କରୁଛନ୍ତି। ତାଙ୍କ ପୈତୃକ ଘର ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୬କି.ମି. ଦୂରରେ ଅବସ୍ଥିତ। ମାତ୍ର ସେ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଅଧିକାରୀଙ୍କ କ୍ୱାର୍ଟରକୁ ଜବରଦଖଲ କରିଛନ୍ତି। ତଦନ୍ତକାରୀ ଟିମ୍ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରିଥିଲେ। ତଦନ୍ତ ବେଳେ ପିଅନ କାର୍ଯ୍ୟରତ ଥିବା ସମୟରେ ନିଶାଦ୍ରବ୍ୟ ସେବନ କରୁଥିବା ନେଇ ଟିମ୍ କୌଣସି ସୂଚନା ପାଇ ନ ଥିଲେ। ଉତ୍କୋଚ ନେଉଥିବାନେଇ ଅଭିଯୋଗ ସେମାନଙ୍କର ହସ୍ତଗତ ହୋଇପାରି ନ ଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ କୌଣସି ଉପଯୁକ୍ତ କ୍ୱାର୍ଟର ନ ଥିବାରୁ ସେ ଖାଲି ପଡିଥିବା ଅଧିକାରୀଙ୍କ କ୍ୱାର୍ଟରରେ ରହୁଛନ୍ତି। ଯେଉଁ କ୍ୱାର୍ଟରଟି ବିଡିଓ ପିଅନଙ୍କ ନାମରେ ଆବଣ୍ଟନ କରିଥିବା ଜଣାଯାଇଛି। ପୂର୍ବରୁ ତାଙ୍କ ନାମରେ ଫୌଜଦାରୀ ମାମଲା ରହିଥିବା ନେଇ ଅଭିଯୋଗକାରୀ ଦର୍ଶାଇଥିଲେ। ୨୫ ମାର୍ଚ୍ଚ, ୨୦୨୧ରେ ତାଙ୍କ ନାମରେ ଫୌଜଦାରୀ ମାମଲା ହୋଇଥିବାତଦନ୍ତ ବେଳେ ଜଣାପଡ଼ିଛି। ଉକ୍ତ ମାମଲାରେ ସେ ଗିରଫ ହୋଇଥିଲେ। ପରେ ଜେଲରୁ ମୁକୁଳି ପୁନଃର୍ବାର କାର୍ଯ୍ୟରେ ଯୋଗଦେଇଆସୁଛନ୍ତି। ଉକ୍ତ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି ବୋଲି ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି। ତେବେ ଅଭିଯୋଗ ପଛରେ କୌଣସି ତଥ୍ୟପ୍ରମାଣ ତଦନ୍ତକାରୀ ଦଳଙ୍କ ହସ୍ତଗତ ହୋଇ ନ ଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି।

# ନଦୀରୁ ବେଆଇନ ବାଲି ପରିବହନ ବନ୍ଦ ପାଇଁ ଦାବିପତ୍ର


ବିଜେଡି ପକ୍ଷରୁ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକଙ୍କୁ ଦାବିପତ୍ର ଦିଆଯାଉଛି।

**ଯାଜପୁର ଟାଉନ, ୧୩।୩**
**(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ନଦୀ ପଠାରୁ ବେଆଇନ ବାଲି ପରିବହନ ବନ୍ଦ ପାଇଁ କୋରେଇ ବିଜେଡି ପକ୍ଷରୁ ଶୁକ୍ରବାର ଯାଜପୁର ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକଙ୍କୁ ଏହି ଦାବିପତ୍ର ଦିଆଯାଇଛି। ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଇସ୍ପାତ ଓ ଖଣି ମନ୍ତ୍ରୀଙ୍କ ଅବଗତି ନିମନ୍ତେ ପଠାଯାଇଛି। କୋରେଇ ନିର୍ବାଚନମଣ୍ଡଳୀର ବୈତରଣୀ ଓ ଖରସ୍ରୋତା ନଦୀ ପଠାରୁ ଅବୈଧ ଭାବେ ବାଲି ପରିବହନ ହେଉଛି। ହାଇୱା, ଟ୍ରକ ଓ ଡମ୍ଫର ଯୋଗେ ନଦୀ ଗର୍ଭରୁ ବାଲି ଉତ୍ତୋଳନ କରାଯାଇ ଜିଲା ଓ ଜିଲା ବାହାରକୁ ପଠାଯାଉଛି। ଏହା ଓଡ଼ିଶା ମାଇନ୍ସ ଆକ୍ଟ ପରିବେଶ ନିୟମ ଓ ଟ୍ରାନ୍ସପୋର୍ଟ ନିୟମର ସ୍ପଷ୍ଟ ଉଲଂଘନ କରୁଛି। ବାଲି ପରିବହନ ଯୋଗୁ ନଦୀ ପଠା, ଚାଷ ଜମି ନଷ୍ଟ ହେବା ସହ ବିଦ୍ୟାର୍ଥୀ ଯିବା ଆସିବା ସମୟରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ସରକାରଙ୍କ ରାଜସ୍ୱ ହାନୀ ହେଉଛି। ଅତ୍ୟଧିକ ବାଲିବୋଝେଇ ହାଇୱା ପରିବହନ ହେବା ଦ୍ୱାରା ରାସ୍ତାଘାଟ ନଷ୍ଟ ହେଉଛି। ଫଳରେ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବା ସହ ଦୁର୍ଘଟଣା ଘଟି ଧନଜୀବନ କ୍ଷତିହେଉଛି। ଏଣୁ ଏହି ବେଆଇନ ବାଲି ପରିବହନକୁ ବନ୍ଦ କରାଯିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବ୍ୟାସନଗର ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, ସଦାଶିବ ରାଉତ, ଶ୍ରାବଣୀ ମହାକୁଡ଼ଙ୍କ ସମେତ ଶତାଧିକ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଯୁବକଙ୍କୁ ବାନ୍ଧି ମାଡ଼ ଘଟଣାରେ ୨ ଗିରଫ

**ଯାଜପୁର ସଦର, ୧୩।୩(ସମର ବିଜୟ ଶରଣ)**

ଯାଜପୁର ସଦର ଥାନା ମହେଶ୍ୱରପୁର ଛକଠାରେ ୨ ଯୁବକଙ୍କୁ କେତେଜଣ ଲୋକ ଗଛରେ ବାନ୍ଧି ମାଡ଼ ମାରିବା ଓ ପରେ ପୋଲିସ ନେଇ ହାଜତରେ ନିର୍ଯାତନା ଦେବା ଘଟଣାରେ ପୋଲିସ ଶୁକ୍ରବାର ସୋମନାଥ ଓଝା, ତପନ ଓଝା ୨ ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣା ସମ୍ପର୍କରେ ମୂଳନିବାସୀ ଛାତ୍ର ଓ ଯୁବ ସାମ୍ଭୁଖ୍ୟର ପ୍ରତିନିଧି ବିଭ୍ରାନ୍ତ ବିଶ୍ୱଜିତ, ଲିଲୁ ଦାସ, ଅନିଲ ଜେନା ଓ ବିଶ୍ୱନାଥ ପାତ୍ରଙ୍କ ନେତୃତ୍ୱରେ ଯାଜପୁର ଏସ୍‌ପି ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଏହାପରେ ଗତ ଗୁରୁବାର ପୋଲିସ ଡିଜି, ରାଜ୍ୟ ମହିଳା କମିଶନ, ରାଜ୍ୟ ମାନବାଧିକାର କମିଶନଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିଲା।

ଅନ୍ୟପକ୍ଷରେ ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ଉପସ୍ଥିତିରେ ପୀଡ଼ିତଙ୍କ ପରିବାର ସଦସ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଅନୁପସ୍ଥିତିରେ ଏଡିଜି ପୋଲିସ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏଡିଜି ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଇଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କ ନିକଟରେ ପୀଡ଼ିତ ପରିବାରର କାମିନୀ ମହାରଣା ଓ ନିର୍ମଳା ଜେନା ଲିଖିତ ଅଭିଯୋଗ କରି ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ସଦର ଥାନା ଅଧିକାରୀଙ୍କୁ ଫୋନ ଯୋଗେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗଛରେ ଦୌଡ଼ିରେ ବନ୍ଧା ହୋଇ ମାଡ଼ ଖାଇଥିବା ସ୍ନେହାଶିଷ ମଲିକ, ରାଜେନ୍ଦ୍ର ମହାରଣା ମଧ୍ୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇ ପୋଲିସ ସହ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରିଥିଲେ। ସୂଚନାଯୋଗ୍ୟ, ଏକ ବାଇକ୍ ଚୋରିକୁ ନେଇ କେତେଜଣ ଲୋକ ୨ ଯୁବକଙ୍କୁ ଗଛରେ ବାନ୍ଧିମାଡ଼ ମାରିଥିଲେ। ଏହାପରେ ପୋଲିସ ସେମାନଙ୍କୁ ନେଇ ହାଜତରେ ରଖି ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା।

# ରେନେସା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ବିଦାୟ ସମ୍ବର୍ଦ୍ଧନା

**ଧର୍ମଶାଳା, ୧୩।୩(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ରେନେସା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ବିଦ୍ୟାଳୟ ପରିସରରେ ୨୦୨୪-୨୬ ବ୍ୟାଚ୍‌ର ଯୁକ୍ତ୨ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ଶିକ୍ଷାବିତ ପଞ୍ଚାନନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ମିନତି ସାହୁ, ମୁଖ୍ୟବକ୍ତା ଭାବେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନା, ଅତିଥି ଭାବେ ଶିକ୍ଷକ ନେତା ନରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଶିକ୍ଷାଦାନ ପଦ୍ଧତି ଯୋଗୁ ଏଠାରେ ଉଚ୍ଚ ମାନର ଶିକ୍ଷା ପ୍ରଦାନ କରାଯାଉଥିବା କହିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ବିଭୂତି ଭୂଷଣ ରାଉତ ସୂଚନା ଦେଇ କହିଥିଲେ, ଏହି ବିଦ୍ୟାଳୟ ଯୁକ୍ତ ୨ ଶିକ୍ଷାଦାନ କ୍ଷେତ୍ରରେ ଧର୍ମଶାଳା ବ୍ଲକରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସୁଛି। ଗତବର୍ଷ ଏହି ବିଦ୍ୟାଳୟର ବିଜ୍ଞାନରେ ୧୫୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯୫% ହାରରେ ୧୫୧ ଜଣ ପାସ୍ କରିଥିଲେ। ସେଥିମଧ୍ୟରୁ ୧ମ ଶ୍ରେଣୀରେ ୧୦୫, ୨ୟ ଶ୍ରେଣୀରେ ୩୮ ଓ ତୃତୀୟ ଶ୍ରେଣୀରେ ୮ଜଣ ରହିଥିଲେ। ୧ମ ଶେଣୀରେ ଉତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩ଜଣ ୯୦%ରୁ ଅଧିକ ଓ ୧୫ଜଣ ୮୦%ରୁ ଅଧିକ ମାର୍କ ରଖିଥିଲେ। ଅଧ୍ୟକ୍ଷ ଜ୍ଞାନରଞ୍ଜନ ଜେନା ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଅଧ୍ୟାପକ ଲକ୍ଷ୍ମୀଧର ନାୟକ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବିଦାୟୀ ଛାତ୍ର ସଚ୍ଚିଦାନନ୍ଦ ମିଶ୍ର, ପବିତ୍ର ରାଉତ, ସୁନିଲ୍ ଦାସ, ଅନୁପ ଦାସ, ଛାତ୍ରୀ ସନ୍ଧ୍ୟାରାଣୀ ବାରିକ, ପୂଜାପ୍ରଜ୍ଞା ସାହୁ, ସୋନମ୍ ପ୍ରିୟଦର୍ଶିନୀ ସାହୁ, ଇପ୍ସିତା ମହାରଣା, ଜ୍ୟୋତିର୍ମୟୀ ମହାନ୍ତି, ଚିନ୍ମୟୀ ବେହେରା, ଦମୟନ୍ତୀ ବାରିକ, ସାରିକା ବାଇ ଓ ଯଶୋଦା ବେହେରା ପ୍ରମୁଖ ଉପସ୍ଥିତ ରହି ଶିକ୍ଷାଦାନର ଅନୁଭୂତି ବର୍ଣ୍ଣନା କରିଥିଲେ। ଅଧ୍ୟାପକ ଚିନ୍ମୟ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶୁଭଶ୍ରୀ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।



ବିଦାୟକାଳୀନ ସମ୍ବର୍ଦ୍ଧନାଅବସରରେ ମଞ୍ଚାସୀନ ଅତିଥି।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

**ଜେନାପୁର, ୧୩।୩(ଅଶୋକ ଦାସ)**

ଧର୍ମଶାଳା ତହସିଲ ବଳରାମପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ-୨ ଅଧୀନ ତାଳଜଙ୍ଗ ପଞ୍ଚାୟତର ବଳରାମପୁର ତଳଗଡ଼ ଗ୍ରାମରେ ଜବରଦଖଲ ହୋଇଥିବା ସରକାରୀ (ଗୋଚର)ଜମିରୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ମାପଚୁପ ପରେ ତାଳଜଙ୍ଗ ମୌଜାର ୭୫ ଡିସିମିଲ ଜମିକୁ ଉଚ୍ଛେଦ କରାଯାଇ ସରକାରୀ ଦଖଲକୁ ନିଆଯାଇଛି। ବଳରାମପୁର ତଳଗଡ଼ ଗ୍ରାମର ପ୍ରମୋଦ ମିଶ୍ର ନାମକ ବ୍ୟକ୍ତି ଏହାକୁ ଜବରଦଖଲ କରି ଏକ ଘୁଷୁରି ଫାର୍ମ କରିଥିଲେ। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲା। ତହସିଲ ପ୍ରଶାସନ ପକ୍ଷରୁ ଜେସିବ ମେଶିନ ସହାୟତାରେ ଉଚ୍ଛେଦ କରାଯାଇଛି। ମାଜିଷ୍ଟ୍ରେଟ ଭାବେ ଧର୍ମଶାଳା ତହସିଲଦାର ଗଗନ ବିହାରୀ ଦାସ ଉପସ୍ଥିତ ଥିଲେ। ବଳରାମପୁର-୨ରାଜସ୍ୱ ନିରୀକ୍ଷକ ସନ୍ଦୀପ କୁମାର ମହାନ୍ତି, ରେଖିଦେଈପୁର ରାଜସ୍ୱ ନିରୀକ୍ଷକ ମଧୁସୂଦନ ହାଇବ୍ରୁ, କାଏମା ରାଜସ୍ୱ ନିରୀକ୍ଷକ ମାନସ ରଞ୍ଜନ ବେଜ, ରାଜସ୍ୱ ସୁପରଭାଇଜର ମହେଶ୍ୱର ପଣ୍ଡା ଏବଂ ସ୍ଥାନୀୟ ପୋଲିସ ଉପସ୍ଥିତରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଅନ୍ୟପକ୍ଷରେ ପଞ୍ଚାୟତର ଅନେକ ସରକାରୀ ଜାଗାକୁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରିଥିବା ଅଭିଯୋଗ ଆସିଛି। ସେ ସବୁକୁ ଉଚ୍ଛେଦ କରିବାକୁ ସାଧାରଣରେ ଦାବି ହୋଇଛି।


ପୋଲିସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଉଛି।

# ବୌଦ୍ଧପୀଠ ହୀରକ ତ୍ରିଭୁଜ ବିକାଶ ନେଇ ଉଠିଲା ପ୍ରଶ୍ନ

## ରାଜ୍ୟ ସଭାରେ ପ୍ରଶ୍ନ ଉଠାଇଲେ ସୁଲତା ଦେଓ

**ଚଣ୍ଡିଖୋଲ, ୧୩।୩(ପ୍ରଦୀପ୍ତ କୁମାର ପୃଷ୍ଟି)**

ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରି, ରତ୍ନଗିରି ଓ ଲଳିତଗିରିକୁ ହୀରକ ତ୍ରିଭୁଜ କୁହାଯାଏ। ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ହୀରକ ତ୍ରିଭୁଜକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଉଦ୍ୟମକ୍ରମେ ଗତ ଦୁଇ ବର୍ଷ ହେଲା ଏଠାରେ ଗୁରୁ ପଦ୍ମସମ୍ଭବ ସମାବେଶ କରାଯାଉଛି। ୧୭ ଦେଶର ବୌଦ୍ଧ ସନ୍ନ୍ୟାସୀ ଆସି ପ୍ରତ୍ୟେକ ବର୍ଷ ପ୍ରାର୍ଥନା କରୁଛନ୍ତି। ଗୁରୁବାର ରାଜ୍ୟସଭା ଏମପି ସୁଲତା ଦେଓ ପ୍ରଶ୍ନୋତ୍ତର କାର୍ଯ୍ୟକାଳ ମଧ୍ୟରେ ଅତିରିକ୍ତ ପ୍ରଶ୍ନଜରିଆରେ ନିଜ ଜିଲା ଯାଜପୁର ସମେତ ଓଡ଼ିଶାର ପ୍ରମୁଖ ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ପରିପୂର୍ଣ୍ଣ ହୀରକ ତ୍ରିଭୁଜର ବିକାଶ ଓ ଉନ୍ନୟନ ପାଇଁ କେନ୍ଦ୍ର ସରକାରଙ୍କ ପାଖରେ କୌଣସି ସ୍ୱତନ୍ତ୍ର ଯୋଜନା(ପ୍ୟାକେଜ) ଅଛି କି ବୋଲି ରାଜ୍ୟସଭାରେ ପ୍ରଶ୍ନ କରିଛନ୍ତି।



ଏହାର ଉତ୍ତରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱାତ କହିଛନ୍ତି, ରତ୍ନଗିରି, ଉଦୟଗିରି ଓ ଲଳିତଗିରି ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପରିଯୋଜନାରେ କୌଣସି ବିଶେଷ ଯୋଜନା ରଖାଯିବାର ବ୍ୟବସ୍ଥାନାହିଁ। କିନ୍ତୁ ରାଜ୍ୟ ସରକାର ଏହି ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ବିକାଶ ଲାଗି ଯଦି ପ୍ରତିବେଦନ ପଠାନ୍ତି ତେବେ କେନ୍ଦ୍ର ସରକାର ଏଥିପାଇଁ ଥିବା ଯୋଜନା ଆଧାରରେ ନିଶ୍ଚୟ ବିଚାର କରିବେ। ଏଥିସହିତ ସେ କହିଛନ୍ତି, ରାଜ୍ୟସଭା ସଦସ୍ୟ ଯେଉଁ ପ୍ରଶ୍ନ ଉଠାଇଛନ୍ତି, ତାହା ଗୁରୁତ୍ୱପୂର୍ଣ୍ଣ। ଏବେ ଉଦୟଗିରିଠାରେ କିଛି ମାସ ତଳେ ଖନନ ସମୟରେ ଭଗବାନ ବୁଦ୍ଧଙ୍କ ଏକ ବିଶାଳ ମୂର୍ତ୍ତି ଆବିଷ୍କୃତ ହୋଇଛି ଏବଂ ସେଠାରେ ଖନନ କାର୍ଯ୍ୟ ଏବେ ମଧ୍ୟ ଚାଲୁରହିଛି। ରାଜ୍ୟ ସରକାର ଯଦି ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ଯୋଜନାରେ ପ୍ରସ୍ତାବ ପଠାନ୍ତି ତେବେ ସେହି ଯୋଜନା ଆଧାରରେ ନିଶ୍ଚିତ ବିଚାର କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

ସୂଚନା ଯୋଗ୍ୟ, ବିକଶିତ ଭାରତ ଐତିହ୍ୟ ଓ ସାଂସ୍କୃତିକ ପର୍ଯ୍ୟଟନ ବିଭବର ବିକାଶ ପାଇଁ କେନ୍ଦ୍ର ସରକାର ରୋଡ ମ୍ୟାପ ପ୍ରସ୍ତୁତ କରିଛନ୍ତି। ନୂତନ ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦେଶର ୧୫ଟି ଚୟନ କରାଯାଇଥିବା ଏବଂ ପ୍ରତ୍ନତାତ୍ତ୍ୱିକ ଗୁରୁତ୍ୱ ବହନ କରୁଥିବା ଐତିହ୍ୟସ୍ଥଳୀକୁ ଚିହ୍ନଟ କରି ଏହାକୁ ଜୀବନ୍ତ ତଥା ଅନୁଭୂତି ପୂର୍ଣ୍ଣ ସାଂସ୍କୃତିକ ଗନ୍ତବ୍ୟସ୍ଥଳ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିରେ ରହିଛି ଲୋଥାଲ, ଧୋଲବିରା, ରାଖୀଗଡ଼, ସାରନାଥ, ହସ୍ତିନାପୁର, ଆଦିଚାଲୁନର ଏବଂ ଲେହ ପ୍ୟାଲେସ। ଦେଶର ଏହି ପ୍ରମୁଖ କୀର୍ତ୍ତିସ୍ଥଳୀ କେବଳ ଅତୀତର କାହାଣୀ ନୁହେଁ ବରଂ ବିକଶିତ ଭାରତ ପାଇଁ ନୂଆ ପରିଚୟ ହେବ ବୋଲି କୁହାଯାଇଛି। ନୂତନ ବଜେଟରେ ଦେଶର ଉତ୍ତର ପୂର୍ବ ସମ୍ଭାଗରେ ଥିବା ବୌଦ୍ଧ କୀର୍ତ୍ତିରାଜି ସ୍ଥଳର ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିବା ବେଳେ ଓଡ଼ିଶା ସେଥିରୁ ବାଦପଡିଛି। ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମିଜୋରାମ, ସିକିମ ଓ ତ୍ରିପୁରା ରାଜ୍ୟ ସ୍ଥାନ ପାଇଛି। କିନ୍ତୁ ଓଡ଼ିଶାର ବୌଦ୍ଧ ପର୍ଯ୍ୟଟନ ସ୍ଥଳୀ ଲଳିତଗିରି, ଉଦୟଗିରି, ରତ୍ନଗିରି, ଲାଙ୍ଗୁଡି ଓ କାଏମା ଆଦି ବୌଦ୍ଧ ପୀଠଗୁଡିକ ଏଥିରୁ ବାଦ ପଡ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

## ସଂକ୍ଷେପରେ

### ଗଣ୍ଡଗୋଳ ଘଟଣା: ୨ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ

**କୁଜଙ୍ଗ, ୧୩।୩(ମନୋଜ ପ୍ରଧାନ)**

ପାରାଦୀପ ଲକ୍ ଥାନା ଅଞ୍ଚଳର ଏକ ଗଣ୍ଡଗୋଳ ମାମଲାରେ କୁଜଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ୨ ଅଭିଯୁକ୍ତଙ୍କୁ ଶୁକ୍ରବାର ଦଣ୍ଡାଦେଶ କରିଛି। ସେମାନେ ହେଲେ ରବି ରାଉତ ଓ ସସ୍ମିତା ରାଉତ। ଉଭୟ ଅଭିଯୁକ୍ତଙ୍କୁ ୫୦୦ ଲେଖାଏଁ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ବିଶ୍ୱାଳୀ ଗ୍ରାମର ଅଭିଯୋଗକାରିଣୀ ଜ୍ୟୋସ୍ନାରାଣୀ ମଣ୍ଡଳ ୨୦୨୨ ଅକ୍ଟୋବର ୧୦ରେ ଏକ ଗଣ୍ଡଗୋଳ ଘଟଣାରେ ଉଭୟ ଅଭିଯୁକ୍ତଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଥାନାରେ ମାମଲା (ନଂ. ୩୧୭/୨୨) ରୁଜୁ ହୋଇଥିଲା। କୁଜଙ୍ଗ ଜେଏମ୍‌ଏଫସି ରାଜେଶ ମିଶ୍ର ଏହି ମାମଲାର ବିଚାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି।

### ବଟି ମାଗୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ନାଉଗାଁ, ୧୩।୩(ସୁଧା ବେହୁରା)**

ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦା ହାଟରେ ଜୋରଜବରଦସ୍ତ ବଟି ଆଦାୟ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ନେଇ ନାଉଗାଁ ଥାନା ଗଙ୍ଗଦାହାଟ ମା'ଦୁର୍ଗାପୂଜା କମିଟ ତରଫରୁ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଗୁରୁବାର ଗଙ୍ଗଦା ବଜାରରେ ସାପ୍ତାହିକ ହାଟ ଚାଲିଥିଲା। ଏହି ସମୟରେ ରାତି ପ୍ରାୟ ୯ଟାରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ହାଟରେ ଥିବା ପରିବାର ବ୍ୟବସାୟୀ ନରି ନାୟକଙ୍କୁ ଦାଦାବଟି ମାଗିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ମାରିବା ପାଇଁ ଧମକ ମଧ୍ୟ ଦେଇଥିଲେ। ସେଠାରେ ଉପସ୍ଥିତ ଥିବା ବ୍ରଜବନ୍ଧୁ ପୁହାଣ ତାଙ୍କୁ ଅଟକାଇବାରୁ ସେ ତାଙ୍କ ସହ ଦୁର୍ଗାପୂଜା କମିଟିର ସମସ୍ତ କର୍ମକର୍ତ୍ତାଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ । ପୂର୍ବରୁ ଏହିପରି କାର୍ଯ୍ୟ ପାଇଁ ବଜାର କମିଟି ତରଫରୁ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତି କେତେଜଣ ଅସାମାଜିକ ଲୋକଙ୍କୁ ଧରି ନିଶା କାରବାର ଚଳେଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦୁର୍ଗାପୂଜା କମିଟିର ସଭାପତି ନରେଶ ସେଠୀ, ଉମେଶ ବିଶ୍ୱାଳ, ସୁରେଶ ସେନାପତି,ସନ୍ତୋଷ ଦାସ ପ୍ରମୁଖ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷେ ବଜାର କମିଟି ପକ୍ଷରୁ ଚୋରାମଦ ବେପାରୀଙ୍କ ଅଣ୍ଡାସ୍ଥଳୀକୁ ଭାଙ୍ଗି ଦିଆଯାଇଥିବା ଜଣାପଡ଼ିଛି।

### ବରୁଣେଇ କୃଷକ ଏକତା ମଞ୍ଚ ସଭାପତି ପଦ ଛାଡ଼ିଲେ ସଂଗ୍ରାମ

**କୁଜଙ୍ଗ, ୧୩।୩(ମନୋଜ ପ୍ରଧାନ)**

ଦୀର୍ଘ ୧୮ ବର୍ଷଧରି ବରୁଣେଇ କୃଷକ ଏକତା ମଞ୍ଚର ସଭାପତି ଦାୟିତ୍ୱରେ ଥିବା ଯୁବ ସଙ୍ଗଠକ ସଂଗ୍ରାମ କେଶରୀ ରାଉତରାୟ ଶୁକ୍ରବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତି ଏକତା ମଞ୍ଚର ସମସ୍ତ ଚାଷୀ ଓ କାର୍ଯ୍ୟକର୍ତ୍ତାଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଛି । ବ୍ୟକ୍ତିଗତ ସମସ୍ୟା ଓ ଶାରୀରିକ ଅସୁସ୍ଥତା ଯୋଗୁ ପଦ ଛାଡିଥିବା ନେଇ ସଂଗ୍ରାମ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଦର୍ଶାଇଛନ୍ତି। ମାତ୍ର ଜଣେ ଚାଷୀ ହିସାବରେ ସେ ସଙ୍ଗଠନ ସହ ରହିବେ ବୋଲି ଉଲ୍ଲେଖ କରିଛନ୍ତି। ଶିଳ୍ପ ପାଇଁ କୁଜଙ୍ଗ ତହସିଲ ଅନ୍ତର୍ଗତ ପ୍ରତାପପୁର ମୌଜାର ୬୩୫ ଏକର ଓ ଫତେପୁର ମୌଜାର ୬୫ ଏକର ଚାଷ ଜମି ଏହିପରି ସମୁଦାୟ ୭୦୦ ଏକର ଜମି ଅଧିଗ୍ରହଣ ନିମନ୍ତେ ଇଡ୍‌କୋ ପକ୍ଷରୁ ଯେତେବେଳେ ୨୦୦୮ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା, ସେତେବେଳେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ନେଇ ବରୁଣେଇ କୃଷକ ଏକତା ମଞ୍ଚ ଗଠନ କରାଯାଇଥିଲା। କ୍ଷତିଗ୍ରସ୍ତ ଚାଷୀମାନେ ସଂଗ୍ରାମଙ୍କୁ ମଞ୍ଚର ସଭାପତି ଭାବେ ମନୋନୟନ କରିଥିଲେ। ସେବେଠାରୁ ଚାଷୀ ମାନଙ୍କ ନାର୍ଯ୍ୟ ଦାବି ଯଥା ୨୦୧୩ ମସିହା ପୁନର୍ବାସ ଥଇଥାନ ନୀତି କାର୍ଯ୍ୟକାରୀ କରିବା ଓ ଜମିର ଉପଯୁକ୍ତ କ୍ଷତିପୂରଣ ମୂଲ୍ୟ ପ୍ରଦାନ ଦାବିରେ ମଞ୍ଚ ଆନ୍ଦୋଳନ କରିଆସୁଛି । ଏନେଇ ଚାଷୀମାନେ ଆପତ୍ତି ରଖି ଜମି ବିନିମୟରେ ଅର୍ଥ ଗ୍ରହଣ କରିଥିଲେ ବି ଜମିର ବର୍ଦ୍ଧିତ ମୂଲ୍ୟ ଓ ଉପଯୁକ୍ତ କ୍ଷତିପୂରଣ ଦାବି କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ରେ ମୋକଦ୍ଦମା ରୁଜୁ କରିଥିଲେ । ଉଚ୍ଚ ନ୍ୟାୟାଳୟ କୃଷକ ଏକର ସାଧାରଣ ପରିଷଦ ବୈଠକ ଡକା ଯାଇ ଆଲୋଚନା କରାଯିବ ଓ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଲଢେଇ ଜାରି ରହିବ ବୋଲି କହିଥିଲେ।

# ପୁରୁଣାବସନ୍ତ ମଣ୍ଡିରେ ଅବ୍ୟବସ୍ଥା ପ୍ରସଙ୍ଗ: ଚାଷୀଙ୍କ ଅନଶନ

## ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

**ଜଗତ୍‌ସିଂହପୁର, ୧୩।୩ (ପ୍ରମୋଦ କୁମାର ନାୟକ)**

ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରୁଣାବସନ୍ତ ମଣ୍ଡିରେ ଅବ୍ୟବସ୍ଥା ଲାଗି ରହିଛି। ଏହି ମଣ୍ଡିରେ ଚାଷୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ଶାରୀରିକ, ମାନସିକ ଓ ଆର୍ଥିକ ନିର୍ଯ୍ୟାତନା ଦିଆଯାଉଛି। ଏହାକୁ ବିରୋଧ କରି ନବ ନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରାସାଦ ମହାରଣା ଶୁକ୍ରବାର ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ତାଙ୍କ ଯୁକ୍ତି ଥିଲା, ଜିଲା ପ୍ରଶାସନ ଉପସ୍ଥିତିରେ ଜିଲାରେ ଦିନକୁ ଦିନ ଗରିବ ଚାଷୀଙ୍କ ଉପରେ ମିଲରମାନେ ଅତ୍ୟାଚାର କରି ଚାଲିଛନ୍ତି। ମିଲରଙ୍କ ନିର୍ଦ୍ଦେଶରେ ମଣ୍ଡି କର୍ମଚାରୀମାନେ ଚାଷୀଙ୍କୁ ଭୟଭୀତ କରି କୁଇଣ୍ଟାଲ ପିଛା ୫ରୁ ୧୦ କିଲୋଗ୍ରାମ (କେ.ଜି.) ପର୍ଯ୍ୟନ୍ତ ଧାନ ଅବୈଧ ଭାବେ କାଟି ନେଉଛନ୍ତି। ଅଖା କିମ୍ବା ଏ ବାବଦ ଅର୍ଥ ଚାଷୀଙ୍କୁ ଦିଆଯାଉନାହିଁ। ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଛି। ସରକାରୀ କର୍ମଚାରୀଙ୍କ ମନୋଭାବ ଓ କାର୍ଯ୍ୟରେ ଅବହେଳା ଚିନ୍ତାର କାରଣ ହୋଇଛି। ଚାଷୀଙ୍କ ଆତ୍ମ ସମ୍ମାନକୁ ବେଖାତିର କରାଯିବା ସହ ମାନବିକ ଅଧିକାରକୁ ଦଳିଚକଟି ଦିଆଯାଉଛି। ମହାରଣାଙ୍କ ଏ ସଂକ୍ରାନ୍ତୀୟ ଅଭିଯୋଗକୁ ଗୁରୁତ୍ୱ ଦେଇ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ମିଲ ମାଲିକଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଉପରେ ତଦନ୍ତ କରି ୩ ଦିନ ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରଘୁନାଥପୁର ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଅନଶନ ପ୍ରତ୍ୟାହୃତ ହୋଇଯାଇଛି। ତେବେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ୩ ଦିନ ପରେ ସେ ପୁଣି ଅନଶନରେ ବସିବେ ବୋଲି ମହାରଣା ଘୋଷଣା କରିଛନ୍ତି। ଏହି ଅନଶନରେ ଅନ୍ୟମାନଙ୍କ ମଧ୍ୟରେ ଆଡଭୋକେଟ ବାସୁଦେବ, ସଙ୍ଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ସହ ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ, ଜିଲା ସଂଯୋଜକ ଅଶୋକ କୁମାର ସ୍ୱାଇଁ, ଉପଦେଷ୍ଟା ଅଶୋକ ସ୍ୱାଇଁ, ବିଜୟ ପତି, ସାମାଜିକ କର୍ମୀ ସ୍ନେହାଂଶୁ ଜେନା, ପ୍ରମୋଦ ଦାସ ପ୍ରମୁଖ ସାମିଲ ହୋଇଥିଲେ।


ଅନଶନରେ ବସିଥିବା ଚାଷୀ ନେତାମାନେ।

# ୨୦୨୦-୨୧ରେ ବିଦ୍ୟାଳୟ ପିଛା ୫ ହଜାର ହିସାବରେ ମିଳିଛି ୫୩ ଲକ୍ଷ ଟଙ୍କା

## ବିଧାନସଭାରେ ଜଗତ୍‌ସିଂହପୁର ବିଧାୟକଙ୍କ ପ୍ରଶ୍ନର ଉତ୍ତର

■ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉତ୍ତରକୁ ନେଇ ଚର୍ଚ୍ଚା

**ଜଗତ୍‌ସିଂହପୁର, ୧୩।୩ (ପ୍ରମୋଦ କୁମାର ନାୟକ)**

ସରକାର ଛାତ୍ରୀଛାତ୍ରଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ବିଦ୍ୟାଳୟସ୍ତରରେ କିଚେନ କାର୍ଡେନ କରିବାକୁ ଅନୁଦାନ ଯୋଗାଉଛନ୍ତି। ଏହାଦ୍ୱାରା ପିଲାମାନେ ଜୈବିକ ଉପାୟରେ ପନିପରିବା ଚାଷ କରି ଉପକୃତ ହେବା ଲକ୍ଷ୍ୟ ରଖାଯାଇଛି। କିନ୍ତୁ ଶିକ୍ଷା ବିଭାଗର ଆନ୍ତରିକତା ଅଭାବରୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ବିନା କିଚେନ ଗାର୍ଡେନରେ ବିଦ୍ୟାଳୟଗୁଡିକ ଏ ବାବଦ ଅର୍ଥ ଚଳୁ କରି ଦେଉଥିବା ଅଭିଯୋଗ ହେଉଛି। ତେବେ ଜଗତ୍‌ସିଂହପୁର ଜିଲାରେ କିଚେନ ଗାର୍ଡେନ ମାଧ୍ୟମରେ କେତେ ଅର୍ଥ ପ୍ରଦାନ କରାଯାଇଛି ତାର ତାଲିକା ବର୍ଷୱାରୀ, ନିର୍ବାଚନ ମଣ୍ଡଳୀୱାରୀ ଓ ବିଦ୍ୟାଳୟୱାରୀ ଜାଣିବାକୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାରେ ଅଣତାରକା ପ୍ରଶ୍ନ କରିଥିଲେ। ଏଥିସହ ସେ ବର୍ତ୍ତମାନ ଏହାର ସ୍ଥିତି ଅର୍ଥାତ୍ କେତେ ପରିମାଣର ପରିବା ଅମଳ ହେଉଛି ତାହା ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏହାର ଉତ୍ତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅସମ୍ପୂର୍ଣ୍ଣ ତଥ୍ୟ ଦେଇଛନ୍ତି। ଯେଉଁଥିରେ ସେ ଦର୍ଶାଇଛନ୍ତି ଜଗତ୍‌ସିଂହପୁର ଜିଲାର କିଚେନ ଗାର୍ଡେନ ନିମନ୍ତେ ୨୦୨୦-୨୧ ଆର୍ଥିକ ବର୍ଷ ପ୍ରତି ବିଦ୍ୟାଳୟ ପିଛା ୫ ହଜାର ଟଙ୍କା ହିସାବରେ ମୋଟ ୧୦୬୩ ବିଦ୍ୟାଳୟକୁ ୫୩,୧୫,୦୦୦ ଟଙ୍କା ଦିଆଯାଇଥିଲା। କିନ୍ତୁ ଏହା ପରବର୍ତ୍ତୀ ବର୍ଷଗୁଡିକର ତଥ୍ୟ ମନ୍ତ୍ରୀ ଦେଇନାହାନ୍ତି। ଏଥିସହ ଏହାର ସ୍ଥିତି ତଥା କେତେ ପରିବା ଅମଳ ହୋଇଛି ସେ ସମ୍ପର୍କିତ ତଥ୍ୟ ଦିଆଯାଇନାହିଁ।

# ଛପନ ଭୋଗ, ୩ ରଥ ମୁଖ୍ୟ ଆକର୍ଷଣ


ମହୋତ୍ସବରେ ଯୋଗଦେଇଥିବା ଅତିଥି ଓ ଭାଗବତ ପ୍ରଚାର ସମିତିର ସଦସ୍ୟମାନେ।

## ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍‌ଘାଟିତ

**ରାହାମା, ୧୩।୩ (ଶ୍ରୀକାନ୍ତ ଦାସ)**

କୁଜଙ୍ଗ ବ୍ଲକ ରାହାମାଠାରେ ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବା ଭାଗବତ ପ୍ରଚାର ପ୍ରସାର ସମିତି ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଶ୍ରୀଜଗନ୍ନାଥ ମନ୍ଦିର ସୁଭଦ୍ରାଙ୍କ ବାଡ଼ଗ୍ରାହି ରାମଚନ୍ଦ୍ର ଦାଶ ମହାପାତ୍ର ଯୋଗଦେଇଥିଲେ ସ୍ୱତନ୍ତ୍ର ସମ୍ମାନିତ ଅତିଥିଭାବେ ପୂର୍ବତନ ଶ୍ରୀ ମନ୍ଦିର ପ୍ରଶାସକ ଡ.ଭାସ୍କର ମିଶ୍ର, ପୂଜ୍ୟ ବ୍ୟାସ ସ୍ୱାମୀ ମୁକୁନ୍ଦକୁଷ୍ଣଜୀ ମହାରାଜ ଓ ସମ୍ମାନିତ ଅତିଥିଭାବେ ସୃତି ସାଗର ମହାରାଜ ଉପସ୍ଥିତ ଥିଲେ। ଅନୁଷ୍ଠାନର ମୁଖ୍ୟ ସଂଯୋଜକ ସୁନାକର ବେହେରା ମଞ୍ଚ ପରିଚାଳନା କରିଥିଲେ। ରାହାମା ବଣିକ ସଂଘ ସଭାପତି ଶିଶିର କୁମାର ଦାସ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଆଧ୍ୟାତ୍ମିକ ପରିବେଶ ୮ ଦିନ ଧରି ଚାଲୁରହିବ। ଏହି ଅବସରରେ ୧୦୦୮ ଶ୍ରଦ୍ଧାଳୁ ଭକ୍ତ ପୂଣ୍ୟତୋୟା ମହାନଦୀରେ ପୂଜାର୍ଚ୍ଚନା କରି ପବିତ୍ର କଳସ ଯାତ୍ରା କରି ଆଣିଥିଲେ। ମହୋତ୍ସବରେ ମହାପ୍ରଭୁଙ୍କ ଆଦ୍ୟ ଶ୍ରୀଶ୍ରୀ ନୀଳ ମାଧବଙ୍କ ୧୫ ବେଶ, ଶ୍ରୀ ରଘୁନାଥ ବେଶ, ଶ୍ରୀ ଗିରିଗୋବର୍ଦ୍ଧନ ବେଶ, ଶ୍ରୀଜଗନ୍ନାଥଙ୍କ ଲୀଳା, ବୈଭବ ଦର୍ଶନ ଓ ଛପନ ଭୋଗ, ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ମୁଖ୍ୟ ଆକର୍ଷଣ ଥିଲା. ବେଦମାତା ଗାୟତ୍ରୀ, ରଥାରୁଢ଼ ୩ ରଥ ଦର୍ଶନ ଭକ୍ତମାନଙ୍କୁ ଆକର୍ଷିତ କରିଥିଲା। ଏହି ଅବସରରେ ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଯଜ୍ଞ ପୁରୋହିତ ଭାବେ ପୂଜକ ବିଷ୍ଣୁଚରଣ ପାଢ଼ୀ, ମୁଖ୍ୟ କର୍ତ୍ତା ଭାବେ ଲକ୍ଷ୍ମୀଧର ସାହୁ କର୍ତ୍ତ୍ରୀ ଭାବେ ସସ୍ମିତା ଲେଙ୍କା ଉପସ୍ଥିତ ଥିଲେ। ସରକାରୀ ଓକିଲ କିଶୋର ଶତପଥି, ନେମାଳ ଅଚ୍ୟୁତାନନ୍ଦ ପୀଠର ମନୋରଞ୍ଜନ ଖୁଣ୍ଟିଆଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ଅକ୍ଷୟ କୁମାର ସାହୁ, ବଂଶୀଧର କୁଣ୍ଡୁ, ପ୍ରଶାନ୍ତ କାନୁନ୍‌ଗୋ ଓ ଭିକାରି ଚରଣ ସେନାପତି ଏଥିରେ ସହଯୋଗ କରିଥିଲେ।

## ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଜନଶୁଣାଣିରେ ୫୩ ଅଭିଯୋଗ

**କଟକ, ୧୩।୩(ଶିଲ୍ପା ପ୍ରିୟଦର୍ଶିନୀ)**

ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ନେତାଜୀ ସଂସ୍କୃତି ଭବନରେ ସ୍ୱତନ୍ତ୍ର ଜନଶୁଣାଣି ଜଗତ୍‌ସିଂହପୁର ଓ କଟକ ଜିଲାକୁ ନେଇ ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ଯଥାଶୀଘ୍ର ସମାଧାନ ଉଦ୍ଦେଶ୍ୟରେ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମହିଳାଙ୍କ ଘରୋଇ ହିଂସା, ନିର୍ଯାତନା, ପରିତ୍ୟାଗ, ବୈବାହିକ ବିବାଦ, ମହିଳା ଅଧିକାର ଉଲ୍ଲଂଘନ ଏବଂ ମହିଳା କଲ୍ୟାଣ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହ ଜଡିତ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ କମିଶନଙ୍କ ସଦସ୍ୟା ତଥା କଟକ ଓ ଜଗତ୍‌ସିଂହପୁର ଜିଲାର ଇନଚାର୍ଜ ପ୍ରତିଭା ଶତପଥୀ, ଓଡ଼ିଶା ମହିଳା ଆୟୋଗଙ୍କ ଆଇନ ସହାୟକ ଅରବିନ୍ଦ ପଟ୍ଟନାୟକ, ସଦସ୍ୟା ମୁକ୍ତା ସାହୁ, ଉର୍ମିଳା ମହାପାତ୍ର ଯୋଗଦେଇ ମାମଲାଗୁଡିକର ସମାଧାନ ନିମନ୍ତେ ଆଲୋଚନା କରିଥିଲେ। ଶିବିରରେ ଜଗତ୍‌ସିଂହପୁର ଓ କଟକ ଜିଲାରୁ ସମୁଦାୟ ୫୩ଟି ଅଭିଯୋଗ ହସ୍ତଗତ ହୋଇଥିଲା। ସେଥିମଧ୍ୟରୁ ୪ଟି ମାମଲାର ସଫଳ ଆପୋସ ସମାଧାନ କରାଯାଇଥିବାବେଳେ ୩ଟି ମାମଲାର ଅଧିକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଆୟୋଗ ପକ୍ଷରୁ ସୁପାରିସ କରାଯାଇଛି। ଏହାସହ ଗୋଟିଏ ମାମଲାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ହସ୍ତାନ୍ତର କରାଯାଇଥିବା ବେଳେ ପରବର୍ତ୍ତୀ ଶୁଣାଣି ନିମନ୍ତେ ୨୯ଜଣଙ୍କୁ ନୋଟିସ ଦିଆଯାଇଛି। କମିଶନଙ୍କ ନିକଟରେ ୬ଟି ନୂତନ ମାମଲା ପଞ୍ଜୀକୃତ ହୋଇଥିଲା। ଏଭଳି ଜନଶୁଣାଣି ମହିଳାଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାର ସୁନିଶ୍ଚିତ କରିବା ସହ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ସୁଦୃଢ଼ କରୁଛି। ମାମଲାଗୁଡିକର ଶୁଣାଣି ପାଇଁ ମହିଳାମାନଙ୍କୁ ଏକ ନିଃଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଏହି ଶୁଣାଣି କରାଯାଉଥିବା ଅଧକ୍ଷା କହିଛନ୍ତି। ଅତିରିକ୍ତ ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି ଏବଂ ଜଗତ୍‌ସିଂହପୁର ଓ କଟକ ଜିଲାର ବରିଷ୍ଠ ଅଧିକାରୀମାନେ ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିଥିଲେ।

## ମହିଳା ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ


ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ନାଟକରେ କଳାକାରମାନେ ଅଭିନୟ କରୁଛନ୍ତି।

**ପାରାଦୀପ, ୧୩।୩(ଶରତ ରାଉତ)**

୮ ମାର୍ଚ୍ଚରୁ ଆରମ୍ଭ ହୋଇଥିବା ମହିଳା ସାଂସ୍କୃତିକ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପାରାଦୀପ ବନ୍ଦର ପ୍ରାଧିକରଣ ଓ ଜଗନ୍ନାଥ ଲଳିତ କଳା ସଂସଦର ମିଳିତ ଆୟୋଜନରେ ଆନ୍ତର୍ଜାତୀକ ମହିଳା ଦିବସ ଉପଲକ୍ଷେ ଏହା ଜୟଦେବ ଭବନରେ ଅନୁଷ୍ଠିତ ହୋଇଥିଲା। ପାରାଦୀପ ବନ୍ଦର ଅଞ୍ଚଳର ବିଭିନ୍ନ ମହିଳା ସଙ୍ଗଠନ ଓ କ୍ଲବ ଯଥା ପାରାଦୀପ ଅଫିସର୍ସ ଲେଡିଜ କ୍ଲବ, ପାରାଦୀପ ଲେଡିଜ ୱିଙ୍ଗ କ୍ଲବ, ପିପିଏଲ୍ ଲେଡିଜ କ୍ଲବ, ଇଫ୍‌କୋ ଲେଡିଜ କ୍ଲବ, ପାରାଦୀପ ସାକ୍ଷରତା ସମିତି ଓ ପାରାଦୀପ ପୌରପରିଷଦର ମହିଳାମାନେ ଏଥିରେ ଭାଗ ନେଇଥିଲେ। ପ୍ରତି ସନ୍ଧ୍ୟାର କ୍ଷୁଦ୍ର ନାଟକ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ପାରାଦୀପ ପୋର୍ଟ ଲେଡିଜ ୱିଙ୍ଗ କ୍ଲବର ସଦସ୍ୟାମାନଙ୍କ ଦ୍ୱାରା ନାଟକ 'ଅଧିକାର' ମଞ୍ଚସ୍ଥ ହୋଇଥିଲା । ଅନ୍ୟାୟ ଓ ଦୁର୍ନୀତି କବଳରେ ଥିବା ସମାଜକୁ ଉଦ୍ଧାର କରି ନିଜର ଅଧିକାର ସପକ୍ଷରେ ଲଢି ଶେଷରେ ଆଜିର ନାରୀ କିପରି ବିଜୟୀ ହୁଅନ୍ତି, ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ନାଟକଟି ମଞ୍ଚସ୍ଥ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ କ୍ୟାପଟେନ ସୁରେନ୍ଦୁ ପାଣିଗ୍ରାହୀ ଯୋଗଦେଇଥିଲେ। କ୍ୟାପଟେନ ଅଲେଖ ଚରଣ ସାହୁ, ପ୍ରଶାନ୍ତ କୁମାର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆନ୍ତଃ ଗ୍ରାମୀଣ କ୍ରିକେଟ୍ ଟୁର୍ନାମେଣ୍ଟ: ପାରାଦୀପଗଡ଼ ଚାମ୍ପିୟନ



**ପାରାଦୀପ, ୧୪।୩(ଶରତ ରାଉତ)**

ପାରାଦୀପଗଡ ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ( ଏଏମ୍‌ଏନ୍‌ଏସ) କମ୍ପାନୀ ପକ୍ଷରୁ ଆନ୍ତଃ ଗ୍ରାମୀଣ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପଗଡ ଚାମ୍ପିୟନ ହୋଇଥିଲାବେଳେ ଭୁତମୁଣ୍ଡାଇ ରନର୍ ଅପ ହୋଇଛି। ବିଜେତା ଦଳକୁ ୨୫ ହଜାର ଟଙ୍କା ଓ ଉପବିଜେତା ଦଳକୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ୧୨ ଟି ଦଳ ଭାଗ ନେଇଥିଲେ। ସେଗୁଡିକ ହେଲା ଚକ୍ରଧରପୁର, ପାରାଦୀପଗଡ, ନୂଆଗଡ, ହାଣ୍ଡିଆ, ବାଲିଡିଆ, ମୂଷାଡିଆ, ସିଙ୍ଗଟାଳି, ଭୁତମୁଣ୍ଡାଇ, ପିପଳ, ଭୀମାନାସି, ବିଜୟଚାନ୍ଦପୁର, ଫୁଲବେଲାରୀ। କମ୍ପାନୀ ଉଡାଣ କାର୍ଯ୍ୟକ୍ରମ ଅଧିନରେ ଏହା ଥିଲା ତୃତୀୟ ସଂସ୍କରଣ। ୧୦ ଓଭର ବିଶିଷ୍ଟ ଏହି ଦିବାରାତ୍ର ମ୍ୟାଚ ୯ଟା ରୁ ୧୨ ପର୍ଯ୍ୟନ୍ତ ହୋଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ କମ୍ପାନୀ ଅଧିକାରୀ ବିକାଶ ଯାଦଭେନ୍ଦ୍ରୁ, ସଞ୍ଜୟ କୁମାର ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ : ନୂଆଗାଁ ବିଜୟୀ

**ଏରସମା, ୧୩।୩ (ଦୀପ୍ତି ଖଣ୍ଡୁଆଳ)**

ଏରସମା ଗ୍ରାମ୍ୟ କମିଟି ପକ୍ଷରୁ ଦୋଳ ଉତ୍ସବ ଉପଲକ୍ଷେ ୧୦ ତାରିଖରୁ ଆରମ୍ଭ ହୋଇଥିବା ଚତୁର୍ଥ ବାର୍ଷିକ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଦେବୀ ଦୋଳ ପଡ଼ିଆରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ରାତ୍ରରେ ନାଟକ 'କହିବାକୁ ଲାଜ ଶୁଣିଲେ ପାପ' ଲୋକନାଥ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଏରସମା ଜଗନ୍ନାଥ ସାଂସ୍କୃତିକ ମଞ୍ଚ ପରିବେଷଣ କରିଥିଲା। ଦ୍ୱିତୀୟ ରାତ୍ରରେ 'କର୍ଣ୍ଣ ଖୋଜୁଛି ତା ନିଜ ଠିକଣା' ଝିମାଣିନିମ ନାୟକାଣୀ ଡ୍ରାମାଟିକ୍ କ୍ଲବ ପରିବେଷଣ କରିଥିଲା।ତୃତୀୟ ରାତ୍ରରେ 'ଏ ଆଖି କାନ୍ଦୁଛି ତୋରି ପାଇଁ' ବଜ୍ର ମହାକାଳୀ ନାଟ୍ୟ ପରିଷଦ ନୂଆଗାଁ ପରିବେଷଣ କରିଥିଲା। ଓ ଶେଷ ରାତ୍ରରେ 'ଦରିଆ କୂଳର ଦରଦି ବନ୍ଧୁ' ଅମୂଲ୍ୟ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ଏରସମା ଜଗନ୍ନାଥ ସାଂସ୍କୃତିକ ମଞ୍ଚ ପରିବେଷଣ କରିଥିଲା। ନାଟକ ପ୍ରତିଯୋଗିତାରେ ନୂଆଗାଁ ପ୍ରଥମ ଓ ଝିମାଣି ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ରଞ୍ଜନ ବିଶାଳ ଓ ପ୍ରଶାନ୍ତ ଦାସ ବିଚାରକ ଭାବେ ନାଟକଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଜଗନ୍ନାଥ ସାଂସ୍କୃତିକ ମଞ୍ଚ ତଥା ଏରସମା ଗ୍ରାମ୍ୟ କମିଟିର ସଭାପତି ଅମୂଲ୍ୟ ବିଶ୍ୱାଳ, ସମ୍ପାଦକ ବଳରାମ ସେଠୀ, ଜୟନ୍ତ ସେଠୀ, ଗ୍ରାମ୍ୟ କମିଟି ସମ୍ପାଦକ ପ୍ରଭାକର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଟ୍ରଫି ପ୍ରଦାନ କରିଥିଲେ।

## ରନ୍ଧନ ଗ୍ୟାସ କଳାବଜାର ବିରୋଧରେ କଂଗ୍ରେସର ପ୍ରତିବାଦ



**ଜଗତ୍‌ସିଂହପୁର, ୧୩।୩ (ପ୍ରମୋଦ କୁମାର ନାୟକ)**

ଏଲ୍‌ପିଜି (ଲିକ୍ୱିଫାଏଡ୍ ପେଟ୍ରୋଲିୟମ ଗ୍ୟାସ) ଅର୍ଥାତ୍‌ରନ୍ଧନ ଗ୍ୟାସର ଦରବୃଦ୍ଧି ଓ କୃତ୍ରିମ ଅଭାବ ଯୋଗୁ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏ ପରିସ୍ଥିତିରେ ସରକାର ଗ୍ୟାସ ଯୋଗାଣରେ ସ୍ୱଚ୍ଛତା ଅବଲମ୍ବନ କରିପାରୁନାହାନ୍ତି। ଯେଉଁଥିପାଇଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ଜିଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଛି। ଏନେଇ ଦଳ କାର୍ଯ୍ୟକର୍ତ୍ତାମାନେ ସ୍ଥାନୀୟ ଟାଉନ ହଲ ନିକଟରେ ଏକାଠି ହୋଇ ପ୍ରତିବାଦ କରିଥିଲେ। ପରେ ସେଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ମୋଦି ସରକାର ବିରୋଧରେ ନାରାବାଜୀ କରିଥିଲେ। ଏହି ଅବସରରେ ଏକ ଗ୍ୟାସ୍ ସିଲିଣ୍ଡରକୁ କାନ୍ଧେଇ 'ରାମ ନାମ ସତ୍ୟ ହେ ହରି ନାମ ସତ୍ୟ ହେ' ସ୍ଲୋଗାନ ଦେଇ ଆନ୍ଦୋଳନକାରୀମାନେ ପ୍ରତିତାକତ୍ମକ ଅଭିନବ ପ୍ରତିବାଦ କରିଥିଲେ। ଏହି ଅବସରରେ ଗ୍ୟାସ ଦର, ଅଭାବୀ ବିକ୍ରି ନିୟନ୍ତ୍ରଣ, ଜିଲାରେ ଏହାର କଳାବଜାରି ରୋକିବା ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଫାଣ୍ଡି ଅଧିକାରୀଙ୍କ ନାଁରେ ନିର୍ଯାତନା ଅଭିଯୋଗ ଆଣିଲେ ଅଭିଯୁକ୍ତ

## ସମିତି ସଭ୍ୟାଙ୍କୁ ଦୁର୍ବ୍ୟବହାର ମାମଲା

**ଜଗତ୍‌ସିଂହପୁର, ୧୩।୩ (ପ୍ରମୋଦ କୁମାର ନାୟକ**

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ପଳସା ନକୁଲାଙ୍ଗ ଗ୍ରାମର ବିନୋଦ କୁମାର ମହାନ୍ତିଙ୍କ ସ୍ତ୍ରୀ ତଥା ପାଟେଣୀଗାଁ ପଞ୍ଚାୟତ ସମିତି ସଭ୍ୟା ରାଜଶ୍ରୀ ମହାନ୍ତି (୩୮)ଙ୍କୁ ଏହି ଗାଁର ରମାକାନ୍ତ ମଲ୍ଲିକ ଦୁର୍ବ୍ୟବହାର କରିଥିବା ନେଇ ଗତ ୧୨ ତାରିଖରେ ଅଭିଯୋଗ ହୋଇଥିଲା। ଏହା ଉପରେ ଜଗତ୍‌ସିଂହପୁର ଥାନାରେ ମାମଲା (ନଂ.୨୩୭/୨୬) ରୁଜୁ ହୋଇଥିଲା। କିନ୍ତୁ ଏହାର ଦିନକ ପରେ ଏହି ମାମଲା ଭିନ୍ନ ମୋଡ ନେଇଛି। ଅଭିଯୁକ୍ତ ରମାକାନ୍ତ ତରିକୁନ୍ଦ ଫାଣ୍ଡି ଅଧିକାରୀଙ୍କ ନାଁରେ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏହି ପ୍ରସଙ୍ଗକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଥିବାବେଳେ ଜଗତ୍‌ସିଂହପୁର ଆଇଆଇସି ସରୋଜକାନ୍ତ ସାମଲ ଅଭିଯୋଗର ଗମ୍ଭୀରତା ଦୃଷ୍ଟିରୁ ଅନୁଧ୍ୟାନ ଚାଲିଥିବା କହିଛନ୍ତି ।

ସମିତି ସଭ୍ୟା ରାଜଶ୍ରୀ ଜଗତ୍‌ସିଂହପୁର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ରମାକାନ୍ତ ଜଣେ ଚୋରା ନିଶା ବ୍ୟବସାୟୀ। ଗତ ୧୨ ତାରିଖ ସକାଳ ପ୍ରାୟ ୮ଟାରେ ସେ ରାଜଶ୍ରୀଙ୍କ ଘର ସମ୍ମୁଖରେ ପହଞ୍ଚି ସ୍ୱାମୀଙ୍କୁ କହି ୭ ହଜାର ଟଙ୍କା ଦାଦାବଟି ଦେବାକୁ ଚେତାବନୀ ଦେଇଥିଲେ।

ଏଥିସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାଦେଖି ରାଜଶ୍ରୀ ଘର କବାଟ ବନ୍ଦ କରି ଦେଇଥିଲେ। ରମାକାନ୍ତ ପୁଣିଥରେ ଦିନ ପ୍ରାୟ ୧୨ଟାବେଳେ ତାଙ୍କ ଘର ସାମ୍ନାରେ ପହଞ୍ଚି ଗାଳିଗୁଲଜ କରିବା ସହ ଶ୍ୱଶୁରଙ୍କୁ ମାରି ଦେବାକୁ ଧମକ ଦେଇଥିଲେ। ରାଜଶ୍ରୀ ଏହାର ବିରୋଧ କରିବାରୁ ରମାକାନ୍ତ ଘର ଭିତରେ ପଶି ଟଣାଓଟରା ସାଙ୍ଗକୁ ବିଧା, ଗୋଇଠା ମାରିଥିଲେ। ଏପରି କି ଅସଦାଚରଣ କରିବାକୁ ମଧ୍ୟ ପଛାଇ ନ ଥିଲେ। ଏଥିଯୋଗୁ ରାଜଶ୍ରୀଙ୍କ ଡାହାଣ ହାତ ବୁଢ଼ା ଅଙ୍ଗୁଳିରେ କ୍ଷତ ସୃଷ୍ଟି ହେବା ସହ ଦେହ, ହାତ ଦରଜ ହୋଇଛି। ଏ ପରିସ୍ଥିତିରେ ଶ୍ୱଶୁର ହସ୍ତକ୍ଷେପ କରିବାରୁ ତାଙ୍କୁ ମଧ୍ୟ ଅଭିଯୁକ୍ତ ଏକ ଶକ୍ତ ଧକ୍କା ଦେଇଥିଲେ। ସାହି ଲୋକେ ଏହା ଦେଖିଥିଲେ ମଧ୍ୟ ରମାକାନ୍ତଙ୍କୁ ସାମ୍ନା କରିବାକୁ କେହି ସାହସ ଜୁଟାଇ ପାରି ନ ଥିଲେ। ଖବରପାଇ ତାଙ୍କ ସ୍ୱାମୀ ବିନୋଦ କର୍ମସ୍ଥଳରେ ଥାଇ ୧୧୨କୁ ଫୋନ କରିବାରୁ ପୋଲିସ ଗାଡି ପହଞ୍ଚିଥିଲା। ଏହା ଦେଖି ରମାକାନ୍ତ ଦୌଡ଼ି ପଳାଇଥିଲେ। ତେବେ ଗଲାବେଳେ ଥାନାରେ ଅଭିଯୋଗ କଲେ ଅନୁସୂଚିତ ଜାତି ମାମଲା ରୁଜୁ କରିବାକୁ ଧମକ ଦେଇଥିବା ରାଜଶ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ଅର୍ଥାତ୍ ଶୁକ୍ରବାର ଅଭିଯୁକ୍ତ ରମାକାନ୍ତ ପୋଲିସ ଉପରେ ଅଙ୍ଗୁଳି ଉଠାଇଛନ୍ତି। ସେ ତରିକୁନ୍ଦ ଫାଣ୍ଡି ଅଧିକାରୀଙ୍କ ବିରୋଧରେ ଜଗତ୍‌ସିଂହପୁର ଏସ୍‌ପିଙ୍କ ନିକଟକୁ ଏକ ଅଭିଯୋଗପତ୍ର ପଠାଇଛନ୍ତି। ଏଥିରେ ଉଲ୍ଲେଖ କରିଛନ୍ତି ଯେ, ଗତ ୧୨ ତାରିଖ ସନ୍ଧ୍ୟା ୮ରୁ ୯ଟା ଭିତରେ ସେ ତ୍ରିନାଥ ମନ୍ଦିର ପାଖରେ ବସିଥିଲେ। ଏହି ସମୟରେ ବିନୋଦ ସେଠାରେ ପହଞ୍ଚିବାରୁ ୪ ବର୍ଷ ପୂର୍ବରୁ ନେଇଥିବା ୫୦ ହଜାର ଟଙ୍କା ଦେବାକୁ ରମାକାନ୍ତ ମାଗିଥିଲେ। ଏଥିରେ ବିନୋଦ ଉତ୍‌କ୍ଷିପ୍ତ ହୋଇ ତାଙ୍କ ଜାତିକୁ ନେଇ ଗାଳିଗୁଲଜ କରିଥିଲେ। ଏପରି କି ଟଙ୍କା ଦେବେ ନାହିଁ ବୋଲି କହି ରମାକାନ୍ତଙ୍କୁ ମାଡ଼ ମାରିଥିଲେ। ତା'ପରେ ତରିକୁନ୍ଦ ଫାଣ୍ଡିରେ ବିନୋଦ ଅଭିଯୋଗ କରିବାରୁ ପୋଲିସ ପହଞ୍ଚି ରମାକାନ୍ତଙ୍କୁ ଧରି ନେଇଥିଲେ। ତରିକୁନ୍ଦ ଫାଣ୍ଡିରେ ୧୦ ମିନିଟ ବସାଇବା ପରେ ଫାଣ୍ଡି ଅଧିକାରୀ ତାଙ୍କୁ ପାଖକୁ ଡାକିଥିଲେ। ଏହାପରେ ଗାଲକୁ ଚାପୁଡ଼ା ମାରିବା ସହ ଟେବୁଲ ଧରି ଆଣ୍ଠେଇବାକୁ କହିଥିଲେ। ଆଣ୍ଠେଇବା ସମୟରେ ପ୍ଲାଷ୍ଟିକ ପାଇପ୍‌ରେ ମାଡ ମାରିଥିବା ରମାକାନ୍ତ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

# ୬ଟି ସ୍ପେଶାଲ କ୍ୟାବିନ୍ ପରିତ୍ୟକ୍ତ

- ଅତ୍ୟାଧୁନିକ ସ୍ୱତନ୍ତ୍ର ପ୍ରକୋଷ୍ଠ ଡିପିଏମ୍‌ଙ୍କ ବାସଭବନ
- ପୋଡାଜଳା ଆଇସିୟୁରେ ତାଲା
- କାମରେ ଲାଗୁନି ୧୦୦ ଶଯ୍ୟା ଚିକିତ୍ସାଳୟର ୪ର୍ଥ ମହଲା



ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଆଇସିୟୁରେ ପୁଷ୍ଟିସାଧନ କେନ୍ଦ୍ରରେ ପିଲାମାନେ ଖେଳୁଛନ୍ତି।




ଆଇସିୟୁ।




ସ୍ୱତନ୍ତ୍ର ଆଇସିୟୁ।

ନୟାଗଡ଼,୧୩।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ୧୦୦ ଶଯ୍ୟା ବିଶିଷ୍ଟ ୫ ମହଲା ଚିକିତ୍ସାଳୟର ୪ ର୍ଥ ମହଲାର ବିଭିନ୍ନ କେନ୍ଦ୍ର ପ୍ରାୟତଃ ବନ୍ଦ ରହି ନଷ୍ଟ ହେବାକୁ ଯାଉଛି। ସମ୍ପୃକ୍ତ ମହଲାରେ ଥିବା ଅତ୍ୟାଧୁନିକ ପ୍ରକୋଷ୍ଠ (ସୁପର ଡିଲକ୍ସ କ୍ୟାବିନ)ରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପୋଗ୍ରାମ ପରିଚାଳକ(ଡିପିଏମ) ନିଜର ଆବାସିକ କାର୍ଯ୍ୟାଳୟ କରି ରହିଛନ୍ତି ବୋଲି ଅଭିଯୋଗ ହୋଇ ଆସୁଛି। ଅନ୍ୟପକ୍ଷେ ଅତ୍ୟାଧୁନିକ ପ୍ରକୋଷ୍ଠ ପାଖରେ ଲଗାଲଗି ହୋଇ ୬ଟି ସ୍ୱତନ୍ତ୍ର ପ୍ରକୋଷ୍ଠ (ସ୍ପେଶାଲ କ୍ୟାବିନ୍) ରହିଛି। ତେବେ ୬ଟି ଯାକ କ୍ୟାବିନ ପରିତ୍ୟକ ହୋଇ ପଡିଥିଲେ ମଧ୍ୟ କାମରେ ଲଗା ଯାଉନି। ସ୍ୱତନ୍ତ୍ର ଚିକିତ୍ସା ପାଇଁ ଉଦ୍ଦିଷ୍ଟ କ୍ୟାବିନରେ ରୋଗୀଙ୍କୁ ରହିବାକୁ କାହିଁକି ସୁଯୋଗ ଦିଆଯାଉନି ବୁଝା ପଡୁନି। ୬ଟି ଯାକ କ୍ୟାବିନରେ କେଉଁ ରୋଗୀ ରହିବେ, ସେମାନଙ୍କୁ ଦେୟ ଦେବାକୁ ପଡିବି କି ନାଁ ସେନେଇ ସିଡିଏମ୍‌ଓ ଅଥବା ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ସଚେତନତା ସୃଷ୍ଟି କରୁ ନାହାନ୍ତି। ଅନ୍ୟପକ୍ଷେ ପୋଡାଜଳା ୟୁନିଟ୍ କାମ କରୁଥିବା ବେଳେ ପୋଡାଜଳା ଗହନ ଚିକିତ୍ସା କେନ୍ଦ୍ର(ବର୍ଣ୍ଣ ଆଇସିୟୁ) କାର୍ଯ୍ୟକ୍ଷମ ନୁହେଁ ବୋଲି ଉଲ୍ଲେଖ ରହିଛି। ପୁଣି ୪ର୍ଥ ମହଲାରେ ଥିବା ସଭାଗୃହ, ଇ ଲାଇବ୍ରେରୀରେ ଓ କର୍କଟ ରୋଗୀଙ୍କ ଅନ୍ତଃ ବିଭାଗରେ ତାଲା ଝୁଲୁଛି। ତେବେ ୪ର୍ଥ ମହଲାର ବିଭିନ୍ନ ସ୍ଥାନରେ ଲାଗିଥିବା ଫ୍ୟାନ ଦିନରାତି ଚାଲୁ ରହିଛି। ସରକାର ଯେଉଁ ଲକ୍ଷ୍ୟ ନେଇ ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ କରିଥିଲେ ତାର ସୁଫଳ ମିଳୁନି ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷେ କେହି ନ ଥାଇ ଫ୍ୟାନ ବୁଲିବା ଦ୍ୱାରା ବିଦ୍ୟୁତ୍ କ୍ଷେତ୍ରରେ ଅପବ୍ୟୟ ହେଉଛି।

## ଆଇସିୟୁ କକ୍ଷରେ ଛୋଟ ଶିଶୁଙ୍କ ପୁଷ୍ଟି ସାଧନ କେନ୍ଦ୍ର

୫ମ ମହଲାରେ ଥିବା ଆଇସିୟୁ (ଗହନ ଚିକିତ୍ସା କେନ୍ଦ୍ର ) ଅଚଳ ହୋଇ ରହିଛି। ବାରମ୍ବାର ଅଭିଯୋଗ ପରେ ଏହା କାମ କରୁନି। ତେବେ ଆଇସିୟୁରେ ଛୋଟ ଶିଶୁଙ୍କ ପୃଷ୍ଟି ସାଧନ କେନ୍ଦ୍ର ଚାଲୁ ରହିଛି। ପୁଷ୍ଟି ସାଧନ କେନ୍ଦ୍ରକୁ ଆସିଥିବା ଶିଶୁମାନଙ୍କର କେତେକ ମା' ଗ୍ୟାସରେ ରୋଷେଇ କରୁଥିବା ଦେଖିବାକୁ ମିଳୁଛି। ଚିକିତ୍ସାଳୟରେ ରୋଗୀ ପାଖରେ ଗ୍ୟାସରେ ରୋଷେଇ କିଛି ଅଘଟଣ ଘଟାଇଲେ କିଏ ଦାୟି ରହିବ ବୋଲି ପ୍ରଶ୍ନ ଉଠିଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପୁଷ୍ପା ନୀଳିମା ଲାକ୍ରା କୁହନ୍ତି, ୪ର୍ଥ ମହଲାର ୬ଟି ସ୍ପେଶାଲ କ୍ୟାବିନ୍ କିପରି ଚାଲିବ ସେ ଦିଗରେ ଅନୁଧ୍ୟାନ କରି ପଦକ୍ଷେପ ନେବି। ସୁପର ଡିଲକ୍ସ କ୍ୟାବିନରେ ଡିପିଏମ୍ ରହୁଥିବା ଜଣା ପଡିବା ପରେ ତାଙ୍କୁ କ୍ୟାବିନ ଛାଡିବାକୁ ଚିଠି କରାଯାଇଛି। ଆଇସିୟୁ କାର୍ଯ୍ୟକ୍ଷମ କରାଯିବାକୁ ପଦକ୍ଷେପ ନିଆଯାଇଛି। ଆଇସିୟୁ ଭିତରକୁ ଅକ୍ସିଜେନ ପାଇପ ଯିବାର କାମ ଚାଲୁ ରହିଛି। କାମ ଶେଷ ପରେ ଆଇସିୟୁ କାର୍ଯ୍ୟକ୍ଷମ କରାଯିବ। ଅନ୍ୟପକ୍ଷେ ପୁଷ୍ଟି ସାଧନ କେନ୍ଦ୍ରର କାମ ମରାମତି ହେଉଥିବାରୁ କିଛି ଦିନ ପାଇଁ ଆଇସିୟୁରେ ସମ୍ପୃକ୍ତ ବିଭାଗକୁ ଅବସ୍ଥାପିତ କରାଯାଇଛି। ନିକଟରେ ପୃଷ୍ଟି ସାଧନ କେନ୍ଦ୍ରର କାମ ଶେଷ ପରେ ସମ୍ପୃକ୍ତ କେନ୍ଦ୍ର ନିଜ ସ୍ଥାନକୁ ସ୍ଥାନାନ୍ତରିତ ହେବ। ବର୍ଣ୍ଣ ଆଇସିୟକୁ କାର୍ଯ୍ୟକ୍ଷମ କରାଯିବାକୁ ଉଦ୍ୟମ କରାଯିବ ବୋଲି କହିଛନ୍ତି।

# ଭାଡ଼ିରୁ ଭିଡ଼ି ଆଣି କଚାଡ଼ିଦେଲା ହାତୀ, ଚାଷୀ ଗୁରୁତର

ନୟାଗଡ଼/ନୂଆଗାଁ, ୧୩।୩
(ଲୋକନାଥ ମିଶ୍ର /ଧନେଶ୍ୱର ସାହୁ )

ନୟାଗଡ଼ ବନଖଣ୍ଡ ମହୀପୁର ବନାଞ୍ଚଳ ଅଧୀନ ନିର୍ଙ୍ଗିରିବାରି ଗ୍ରାମର ଜଣେ ଚାଷୀ ଭାଡ଼ି କରି ରାତିରେ ଫସଲ ଜଗିଥିବା ବେଳେ ଗୁରୁବାର ରାତିରେ ଉକ୍ତ ଚାଷୀଙ୍କୁ ହାତୀ ଭାଡିରୁ ଭିଡିଆଣି କଚାଡି ଦେଇଛି। ଫଳରେ ଚାଷୀ ଜଣକ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ଚାଷୀ ଜଣକ ହେଲେ ନିର୍ଙ୍ଗିରିବାରି ଗ୍ରାମର ଗଜେନ୍ଦ୍ର ଯାନୀ (୪୫)।

ମିଳିଥିବା ସୂଚନା ମୁତାବକ, ନିର୍ଙ୍ଗିରିବାରି ଗ୍ରାମର ଗଜେନ୍ଦ୍ର ମୁଗ ଫସଲ ଜଗିବା ପାଇଁ ଗ୍ରାମ ନିକଟକୁ ଲାଗି ରହିଥିବା ଗହୀରରେ ଗୋଟେ ଭାଡି କରିଛନ୍ତି। ହାତୀ ଓ ବାରହା ଆଦି ବନ୍ୟଜନ୍ତୁ ଆସି ଫସଲ ନଷ୍ଟ କରିଦେଉଥିବାରୁ ଗଜେନ୍ଦ୍ର ପ୍ରତିଦିନ ରାତିରେ ଭାଡିରେ ଜଗନ୍ତି। ଗୁରୁବାର ଗଜେନ୍ଦ୍ର ରାତିରେ ଫସଲ ଜଗିବା ପାଇଁ ଭାଡିରେ ଶୋଇଥିବା ବେଳେ ରାତିରେ ହାତୀ ଆସି ତାଙ୍କୁ ଭାଡିରୁ ଭିଡି ଆଣି କଚାଡି ଦେଇଥିଲା। ଫଳରେ ଗଜେନ୍ଦ୍ରଙ୍କ ଅଣ୍ଟା ଓ ଅନ୍ୟାନ୍ୟ ସ୍ଥାନରେ ଆଘାତ ଲାଗିଛି। ସ୍ଥାନୀୟ ଲୋକେ ହାତୀ ଆସିଥିବା ଖବର ପାଇ ଗଜେନ୍ଦ୍ରଙ୍କୁ ଫୋନ କରିବାରେ ସେ ଫୋନ ଉଠାଇ ନ ଥିଲେ। ଫଳରେ ଗ୍ରାମବାସୀ ଭାଡି ନିକଟକୁ ଆସିବାରେ ଗଜେନ୍ଦ୍ର ଗୁରୁତର ହୋଇ ପଡିଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଡକାଇ ପ୍ରଥମେ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ନିର୍ଙ୍ଗିରିବାରି ଗ୍ରାମବାସୀଙ୍କ କହିବା ମୁତାବକ ଆମ ଗହୀରକୁ ବଜ୍ରକୋଟ ଜଙ୍ଗଲ ଲାଗି ରହିଛି। ସବୁବେଳେ ହାତୀପଲ ଉକ୍ତ ଜଙ୍ଗଲରେ ରହୁଛନ୍ତି। ଅନେକ ସମୟରେ ହାତୀପଲ ଗାଁମୁହାଁ ହେଉଛନ୍ତି ଏବଂ ଫସଲ ଉଜାଡି ଦେଉଛନ୍ତି। ହାତୀ ଗହୀର ଏବଂ ଗାଁକୁ ନ ଆସିବା ପାଇଁ ତାରବାଡ଼ ଦେଇ ସୋଲାର ସଂଯୋଗ କରାଯାଇଥିଲା। କିନ୍ତୁ ତାହା ଭାଙ୍ଗିଯିବା ପରେ ଆଉ ମରାମତି କରାଗଲା ନାହିଁ। ହାତୀ ଫସଲ ନଷ୍ଟ କଲା ପରେ ବନ ବିଭାଗ ଯାହା କ୍ଷତି ପୂରଣ ଦେଉଛି ତାହା କିଛି ନୁହେଁ। ତେଣୁ ହାତୀ ଓ ବନ୍ୟଜନ୍ତୁଙ୍କଠାରୁ ଆମକୁ ସୁରକ୍ଷା ଦେବା ପାଇଁ ବନ ବିଭାଗ ସ୍ଥାୟୀ ସମାଧାନ କରୁ ବୋଲି ଗ୍ରାମବାସୀ କହିଛନ୍ତି। ହାତୀ ଆକ୍ରମଣରେ ଗୁରୁତର ହେବା ଖବର ପାଇ ବନ କର୍ମଚାରୀ ଶୁକ୍ରବାର ଆହତଙ୍କ ନିକଟରେ ପହଞ୍ଚି ଘଟଣା ବିଷୟରେ ବୁଝିଛନ୍ତି ଓ ଅଧିକ ତଦନ୍ତ ଚାଲିଥିବା ମହୀପୁର ବନାଞ୍ଚଳ ଅଧିକାରୀ ଅମ୍ରିତ କୁମାର ସାହୁ କହିଛନ୍ତି।

# ଏଟିଏମ୍ କାଉଣ୍ଟରରେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ

ଖଣ୍ଡପଡ଼ା,୧୩।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ରଥଗଡ଼ାଛକସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଥିବା ଏଟିଏମ୍ କାଉଣ୍ଟର ଓ ମୁଖ୍ୟ ବଜାର ମଧ୍ୟରେ ଥିବା ୟୁକୋ ବ୍ୟାଙ୍କ ଶାଖା ଓ ସମ୍ମୁଖ ଷ୍ଟେଟ ବ୍ୟାଙ୍କର ୨ୟ ଏଟିଏମ୍ କାଉଣ୍ଟରରେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଷ୍ଟେଟ୍ ବ୍ୟାଙ୍କର ୨ଟିଯାକ ଏଟିଏମ୍ କାଉଣ୍ଟରରେ ଲାଗିଥିବା ଏସିଗୁଡିକ ଦୀର୍ଘ ମାସ ଧରି କାର୍ଯ୍ୟ କରୁନଥିବା ଜଣାପଡିଛି। ଅଚଳ ଅବସ୍ଥାରେ ଥିବା ଏସିଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଦିଗରେ ବ୍ୟାଙ୍କ କର୍ତ୍ତୃପକ୍ଷ କିମ୍ବା ଉଚ୍ଚ କର୍ତ୍ତୃପକ୍ଷ କେହି ହେଲେ ଧ୍ୟାନ ଦେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସେହିପରି ଅଧିକାଂଶ ସମୟରେ ଏଟିଏମ୍ ମେଶିନଗୁଡିକରେ ଟଙ୍କା ରହୁନଥିବାରୁ ଜରୁରିକାଳୀନ ପରିସ୍ଥିତିରେ ଉଠାଣ ନିମନ୍ତେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ଏ ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ସମସ୍ୟାର ସମାଧାନ ହେଉନଥିବା ବେଳେ ଖଣ୍ଡପଡ଼ା ସହରବାସୀ ଓ ଆଖପାଖ ଅଞ୍ଚଳର ଜନସାଧାରଣ ବିଭିନ୍ନ ସମୟରେ ଟଙ୍କା ଉଠାଣ ନିମନ୍ତେ ନିକଟସ୍ଥ ବାହାଡା ବଜାର ଓ ଖଳିସାହି ଗ୍ରାମରେ ଥିବା ଏଟିଏମ୍ କାଉଣ୍ଟରଗୁଡିକ ଉପରେ ନିର୍ଭର କରୁଥିବା ଜଣାପଡିଛି।

# ଆଦିବାସୀ ଅଧ୍ୟୁଷିତ କୋସକା ଅଞ୍ଚଳରେ ଏଟିଏମ୍ ଖୋଲିବାକୁ ଦାବି

ଖଣ୍ଡପଡା,୧୩।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ କୋସାକା ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ପରିସରରେ ଏକ ଏଟିଏମ୍ କାଉଁଟର ଖୋଲିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ପଶ୍ଚିମାଞ୍ଚଳ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ କୋସକା, କିଆଝର, କୁମ୍ଭାରପଡା ଓ ରୟତ ଢୋଲମରା ଆଦି ୫ ପଞ୍ଚାୟତ ବାସିନ୍ଦା ବିଭିନ୍ନ କ୍ଷେତ୍ରରେ ଅବହେଳିତ ଅବସ୍ଥାରେ ରହିଥିବା ଜଣାପଡିଛି। ତେବେ ସମ୍ପୃକ୍ତ ଅଞ୍ଚଳରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି କୋସକା ପଞ୍ଚାୟତରେ ଗ୍ରାମ୍ୟ ବ୍ୟାଙ୍କ ଦୀର୍ଘ ବର୍ଷ ହେଲା ପ୍ରତିଷ୍ଠା କରାଯାଇଛି । ସମ୍ପୃକ୍ତ ବ୍ୟାଙ୍କ ପକ୍ଷରୁ ଉପଭୋକ୍ତାମାନଙ୍କୁ ଏଟିଏମ୍ କାର୍ଡ ପ୍ରଦାନ କରାଯାଇଅଛି । ମାତ୍ର ଏହି ଅଞ୍ଚଳରେ କୌଣସି ଏଟିଏମ୍ କାଉଣ୍ଟର ନ ଥିବାରୁ ଲୋକେ ଅର୍ଥରାଶି ଉଠାଇବା ନେଇ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସମ୍ପୃକ୍ତ ପଞ୍ଚାୟତର ୨୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଆବଶ୍ୟକ ସମୟରେ ଅର୍ଥ ଉଠାଣ ପାଇଁ ଦୀର୍ଘ ୧୦ କି.ମି.ଦୂରକୁ ଜିବାକୁ ପଡିଥାଏ । ତେବେ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୋସାକା ଓଡ଼ିଶା ଗ୍ରାମ ବ୍ୟାଙ୍କ(ନୀଳାଚଳ ବ୍ୟାଙ୍କ) ପରିସରରେ ଏକ ଏଟିଏମ୍ କାଉଣ୍ଟର ଖୋଲିବା ପାଇଁ କୋସକା ପଞ୍ଚାୟତର ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ଆଞ୍ଚଳିକ ଯୁବଛାତ୍ର ସଂଗଠନ କୋସକାର ପୂର୍ବତନ ସଭାପତି କୈଳାସ ଚନ୍ଦ୍ର ପଣ୍ଡା, ଯୋଗୀଯୋଗିଆଣୀ ଉନ୍ନୟନ ପରିଷଦ ସଭାପତି ସଜିତ ପଟ୍ଟନାୟକଙ୍କ ସମେତ ଉକ୍ତ ଅଞ୍ଚଳର ଶତାଧିକ ଜନସାଧାରଣ ଲିଖିତ ଭାବେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ମହାପ୍ରବନ୍ଧକଙ୍କୁ ଅବଗତ କରିଥିବା ଜଣାପଡିଛି।

# ଖଣ୍ଡପଡ଼ା ଅଞ୍ଚଳରେ ଗ୍ୟାସ ସିଲିଣ୍ଡର ପାଇଁ ଗ୍ରାହକ ହନ୍ତସନ୍ତ, ଲାଗୁଛି ଲମ୍ବା ଲାଇନ



ଗ୍ୟାସ୍ ଏଜେନ୍ସି ସମ୍ମୁଖରେ ଲୋକଙ୍କ ଭିଡ ।

ଖଣ୍ଡପଡା, ୧୩।୩
(ଅଜୟ କୁମାର ମହାରଣା)

ମଧ୍ୟ ପ୍ରାଚ୍ୟଯୁଦ୍ଧର ପ୍ରଭାବ ଯୋଗୁ ଖଣ୍ଡପଡ଼ା ଅଞ୍ଚଳରେ ଘରୋଇ ସହ କମର୍ସିଆଲ ଗ୍ୟାସ ସିଲିଣ୍ଡରର ଘୋର ଅଭାବ ପରିଲକ୍ଷିତ ହୋଇଛି। ଫଳରେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ୟାସ ସିଲିଣ୍ଡର ନେବା ଲାଗି ସକାଳୁ ସକାଳୁ କାଉଣ୍ଟର ସମ୍ମୁଖରେ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳୁଛି। ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନରେ ଛିଡା ହୋଇ ଅଧିକାଂଶ ଗ୍ରାହକ ଗ୍ୟାସ୍ ସିଲିଣ୍ଡର ସଂଗ୍ରହ କରୁଥିବା ବେଳେ କେହି କେହି ନ ପାଇ ଫେରି ଯାଉଥିବା ପରିଲକ୍ଷିତ ହେଉଛି। ଅପରପକ୍ଷେ ଆବଶ୍ୟକତାଠାରୁ କମ୍ ପରିମାଣର ଗ୍ୟସ୍ ସିଲିଣ୍ଡର ଏଜେନ୍ସିଗୁଡ଼ିକ ପାଖରେ ଉପଲବ୍ଧ ହେଉଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି। ଗ୍ୟାସ ନେବା ପାଇଁ ଆସୁଥିବା ଗ୍ରାହକ ଗହଳି ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ମଧ୍ୟ ଦେଖିବାକୁ ପଡୁଛି। ପେଟ୍ରୋଲ ଓ ରନ୍ଧନ ଗ୍ୟାସର ଅଭାବ ହେବ ନାହିଁ ବୋଲି ଜିଲା ପ୍ରଶାସନ ସୂଚନା ଦେଉଥିବା ବେଳେ ଖଣ୍ଡପଡ଼ା ଅଞ୍ଚଳର ଉପଭୋକ୍ତାମାନେ ଏବେ ସିଲିଣ୍ଡର ଟିଏ ପାଇବା ନିମନ୍ତେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ଗତ କିଛି ଦିନ ଧରି ରନ୍ଧନ ଗ୍ୟାସ ସିଲିଣ୍ଡର ସଂଗ୍ରହ ନିମନ୍ତେ ଖଣ୍ଡପଡ଼ା, କଣ୍ଟିଲୋ, ଖଳିସାହି, ମର୍ଦ୍ଦରାଜପୁର, ବୋଦସା ଓ ବେଣାଗାଡିଆ ସମେତ ଆଖପାଖ ଅଞ୍ଚଳର ଗ୍ରାହକମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଭିନ୍ନକ୍ଷମ ବାଇଧରଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା

ଖଣ୍ଡପଡ଼ା, ୧୩।୩ (ଅଜୟ କୁମାର ମହାରଣା)



ଭିନ୍ନକ୍ଷମ ବାଇଧର ରାଉତ।

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମର ଭିନ୍ନକ୍ଷମ ବାଇଧର ରାଉତ (୪୨)ଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ମିଳୁନଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ଦ୍ଧିତ ହାରରେ ଭତ୍ତା ପାଇବା ଆଶାରେ ଭିନ୍ନକ୍ଷମ ବ୍ୟକ୍ତି ଜଣକ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ନିକଟରେ ନେହୁରା ହେବା ସହ ବାରମ୍ବାର ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟକୁ ଦୌଡୁଥିଲେ ହେଁ ପ୍ରଶାସନିକ ଅଧିକାରୀ କିମ୍ବା ଲୋକ ପ୍ରତିନିଧିମାନେ କେହି ହେଲେ ତାଙ୍କ ଅଭିଯୋଗ ପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ସେ ଦୁଃଖରେ ଭାଙ୍ଗି ପଡିଛନ୍ତି। ବାଇଧର ବହୁ କଷ୍ଟରେ ବସ୍ ଯୋଗେ ବ୍ଲକ କାର୍ଯ୍ୟାଳୟକୁ ବୁଧବାର ଆସି ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଗ୍ରାମକୁ ଫେରିଥିବା ବେଳେ କେବେ ତାଙ୍କୁ ମାସିକ ଭତ୍ତା ୩୫୦୦ ଟଙ୍କା ମିଳିବ, ସେ ନେଇ ସେ ଆଶଙ୍କା ପ୍ରକାଶ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମାସିକ ଭତ୍ତା ବାବଦରେ ୩୫୦୦ ଟଙ୍କା ପ୍ରଦାନ କରୁଥିଲେ ହେଁ ବାଇଧର ଜଣେ ଭିନ୍ନକ୍ଷମ ହୋଇ ମଧ୍ୟ ମାସକୁ ଭତ୍ତା ବାବଦରେ ୧୨୦୦ ଟଙ୍କା ପାଉଥିବା ଜଣାପଡିଛି। ତେବେ ଦୁଃଖରେ ଦିନ କାଟୁଥିବା ବାଇଧରଙ୍କ ପ୍ରତି ଜିଲାପାଳ ଚଳିତ ମାସଠାରୁ ତାଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ପ୍ରଦାନ କରିବାକୁ ସିଧାମୂଳା ଗ୍ରାମବାସୀ ଦାବି କରିଛନ୍ତି।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ନୟାଗଡ଼, ୧୩।୩(ଲୋକନାଥ ମିଶ୍ର)

ଓଡ଼ଗାଁ ଏନଏସି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ସପ୍ତାହ ଅବସରରେ ଏନ୍‌ଏସି କାର୍ଯ୍ୟାଳୟଠାରେ ଶୁକ୍ରବାର ସାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମହିଳା ସଫେଇ ମିତ୍ରଙ୍କ ସହିତ ଅନ୍ୟ କର୍ମଚାରୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିଲା। ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ନୀଳାଞ୍ଜନ ଦାସ ଓ ଡ଼ାକ୍ତର ପ୍ରଣତି ମଞ୍ଜରୀ ଆଚାର୍ଯ୍ୟ ରୋଗୀଙ୍କର ଡାଇବେଟିସ,ଆଖି ଓ ରକ୍ତଚାପ ପରୀକ୍ଷା କରିବା ସହିତ ଶିବିରାର୍ଥୀଙ୍କୁ ଔଷଧ ବିତରଣକରି ଆବଶ୍ୟକ ପରାମର୍ଶ ଦେଇଥିଲେ। ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା ପରିଚାଳନା କରିଥିବାବେଳେ ସଫେଇ ମୁଖ୍ୟ ବରୋଦା ପ୍ରସନ୍ନ ଦାସଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ନାବାଳିକା, ନାବାଳକ ଉଦ୍ଧାର

ନୟାଗଡ଼, ୧୩।୩(ଲୋକନାଥ ମିଶ୍ର)

ନୟାଗଡ଼ ଚାଇଲ୍ଡ ଲାଇନ ଓଡଗାଁ ଏନ୍‌ଏସି ଅଞ୍ଚଳର ଏକ ଭଡାଘରୁ ଗୁରୁବାର ରାତିରେ ଜଣେ ୧୬ ବର୍ଷର ନାବାଳିକା ଓ ୧୭ ବର୍ଷୀୟା ନାବାଳକଙ୍କୁ ଉଦ୍ଧାର କରିଛନ୍ତି। ନାବାଳକ ଜଣକ ଅଞ୍ଚଳର ହୋଇଥିବା ବେଳେ ନାବାଳିକା ଜଗତସିଂହପୁର ଜିଲାର। ଦୁହେଁ ଏକ ମନ୍ଦିରରେ ବିବାହକରି ଓ ଏନ୍‌ଏସିର ଜାରିଙ୍ଗି ଅଞ୍ଚଳରେ ଭଡାରେ ରହୁଥିଲେ। କୋଣସି ସୂତ୍ରରୁ ଖବରପାଇ ଚାଇଲ୍ଡ ଲାଇନ ଟିମ୍‌ର ଅଲକା ପାହା ପ୍ରଧାନ ଓ ପୋଲିସ ଏସ୍‌ଆଇ ମନୋରଞ୍ଜନ ଦେହୁରୀ ଓ ମହିଳା ଶିଶୁ ବିକାଶ ସୁପରଭାଇଜର ପହଞ୍ଚି ନାବାଳିକା ଓ ନାବାଳକଙ୍କୁ ଉଦ୍ଧାର କରି ଓଡ଼ଗାଁ ଥାନାକୁ ନେଇଥିଲେ। ପରେ ନୟାଗଡ଼ ସିଡବ୍ଲ୍ୟୁସିରେ ହାଜର କରାଇ ନାବାଳକଙ୍କୁ ବାଳାଶ୍ରମରେ ରଖା ଯାଇଥିବାବେଳେ ନାବାଳିକାଙ୍କୁ ସଖି କେନ୍ଦ୍ରରେ ରଖାଯାଇଛି। ନବାଳିକାଙ୍କ ପରିବାର ସଦସ୍ୟ ଆସିବା ପରେ ସେମାନଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ବରିଷ୍ଠ ନାଗରିକ ଫୋରମ୍‌ର ବନ୍ଧୁମିଳନ




ବନ୍ଧୁମିଳନରେ ଯୋଗଦେଇଥିବା ବରିଷ୍ଠ ନାଗରିକମାନେ।

ଖଣ୍ଡପଡ଼ା,୧୩।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସାମନ୍ତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ଫୋରମ୍‌ର ଏକ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ମା' ଉମାଦେବୀ ମନ୍ଦିର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ଫୋରମର ଉପସଭାପତି ବିନାୟକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ନୟାଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକ, ଖଣ୍ଡପଡ଼ା ବରିଷ୍ଠ ନାଗରିକ ଫୋରମର ସମ୍ପାଦକ ଲକ୍ଷ୍ମୀଧର ସିଂ, ପୂର୍ବତନ ସଭାପତି ରାମଚନ୍ଦ୍ର ମହାପାତ୍ର, ସଦସ୍ୟ କାଶୀନାଥ ଦାସ, ଖଣ୍ଡପଡ଼ା ନଗର ଉପସଭାପତି ଦୁର୍ଗାମାଧବ ଦାଶ, ପଣ୍ଡିତ ମନୋଜ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ମୌଳିକ ସମସ୍ୟା, ସରକାରଙ୍କ ଆଭିମୁଖ୍ୟ ଓ ନାଗରିକ ଫୋରମର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ଅବସରରେ ୧୧ ଜଣ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିବା ବେଳେ କମିଟି ସଦସ୍ୟ ଭାବେ ବିନାୟକ ମିଶ୍ର, ଆଇନ ଉପଦେଷ୍ଟା ଭାବେ ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟମାନଙ୍କୁ ଚୟନ କରାଯାଇଥିବା ଜଣାପଡ଼ିଛି। ଉକ୍ତ କାର୍ଯ୍ୟକ୍ରମରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବିଶିଷ୍ଟ ଚିତ୍ରଶିଳ୍ପୀ ଲଡୁକିଶୋର ସିଂହସାମନ୍ତ, ପୂର୍ବତନ ସରପଞ୍ଚ ଧନେଶ୍ୱର ମହାପାତ୍ର, ନୀଳକଣ୍ଠ ସାହୁ, ଚିନ୍ତାମଣି ରାଜ, ଗୋପୀନାଥ ସାହୁ ଓ ଅଭୟ ପ୍ରଧାନ ପ୍ରମୁଖ ୧୦ ଜଣ ବରିଷ୍ଠ ନାଗରିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷାବିତ୍ ଜଗଦୀଶ ମହାପାତ୍ର ଧନ୍ୟବାଦ ଦେଇଥିଲା।

# ପଞ୍ଚଦୋଳ ଯାତ୍ରା, ମହୋତ୍ସବ ଉଦ୍‌ଯାପିତ

ଖଣ୍ଡପଡ଼ା,୧୩।୩ (ଅଜୟ କୁମାର ମହାରଣା)



ବିମାନଗୁଡ଼ିକୁ ମେଳଣ ପଡ଼ିଆକୁ ନିଆଯାଉଛି।

ଖଣ୍ଡପଡ଼ା ବ୍ଲକ ବନମାଳୀପୁର ସୋମନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରସିଦ୍ଧ ପଞ୍ଚଦୋଳ ମେଳଣ ଯାତ୍ରା ଗୁରୁବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଏହି ପ୍ରସିଦ୍ଧ ମେଳଣର ସ୍ଥାନାଧିପତି ଶ୍ରୀ ପଶ୍ଚିମାମୁଖୀ ସୋମନାଥ ଦେବଙ୍କ ସହ ସ୍ୱପ୍ନେଶ୍ୱର ଦେବ, ରାଧାକାନ୍ତ ଠାକୁର, ଚୈତନ୍ୟ ଠାକୁର, ରସିକମୋହନ ଦେବ, ସୁଦର୍ଶନ ଠାକୁର, ପଥୁରିଆ ବାଲୁଙ୍କେଶ୍ୱର ଦେବ, ଉଦୟପୁର ବିଶ୍ୱନାଥ ଦେବ, ଯଦୁନାଥପୁର ଶାସନ ବାଲୁଙ୍କେଶ୍ୱର ଦେବ ଠାକୁରଙ୍କ ମେଳଣ ଅନୁଷ୍ଠିତ ହୋଇଥିଲା।

ପ୍ରଥମେ ଆତସବାଜି ପ୍ରଦର୍ଶନ ହୋଇଥିବା ବେଳେ ଦର୍ଶକଙ୍କ ଭରପୂର ମନୋରଞ୍ଜନ ହୋଇଥିଲା। ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ହରିବୋଲ ଓ ହୁଳହୁଳି ସାଙ୍ଗକୁ ଘଣ୍ଟଘଣ୍ଟା, ମହୁରୀ, ତୂରୀ ଓ ସଂକୀର୍ତ୍ତନରେ ମେଳଣ ପଡିଆ ପ୍ରକମ୍ପିତ ହୋଇଉଠିଥିଲା। ଏହାପରେ ଠାକୁରମାନେ ପାରମ୍ପରିକ ଭାବେ ବିମାନଯୋଗେ ଦୋଳ ପଡିଆ ପରିକ୍ରମା ସହିତ ନିଜ ନିଜ ଗ୍ରାମ ଅଭିମୁଖେ ବିଦାୟ ନେଇଥିଲେ। ଏ ଅବସରରେ ଉଦ୍‌ଯାପନୀ ସନ୍ଧ୍ୟାରେ ମହୋତ୍ସବ କମିଟି ସଭାପତି ରାଧାନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ସ୍ଥାନୀୟ ସରପଞ୍ଚ ବାସନ୍ତୀ ବେହେରା, କମିଟି ସମ୍ପାଦକ ପ୍ରମୋଦ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହି ଉତ୍ସାହ ବଢ଼ାଇବା ସହିତ ସ୍ଥାନୀୟ ଲୋକକଳାକୁ ପ୍ରୋତ୍ସାହିତ କରେ ବୋଲି ମତବ୍ୟକ୍ତ କରିଥିଲେ।

ଉଲ୍ଲେଖଯୋଗ୍ୟ, ରାଜରାଜୁଡ଼ା ଅମଳରୁ ଖୁବ୍ ଜାକଜମମରେ ଆୟୋଜିତ ହେଉଥିବା ଏହି ଯାତ୍ରା ଗତ ୨ ବର୍ଷ ହେବ ପଞ୍ଚଦୋଳ ମହୋତ୍ସବ ଭାବେ ପାଳନ କରାଯାଇଛି। ୫ ଦିନ ବ୍ୟାପୀ ଅନୁଷ୍ଠିତ ପ୍ରତ୍ୟହ ସନ୍ଧ୍ୟାରେ ହିନ୍ଦୋଳ ପାଇକ ଆଖଡ଼ା, ସମ୍ବଲପୁରୀ ନୃତ୍ୟ, ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ସିଂହବାଜା, ଘୋଡ଼ାନାଚ, ମେଲୋଡ଼ି, ଘୁମୁରା ଓ ଛଉନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟପକ୍ଷରେ ଚଳିତବର୍ଷ ମେଳଣ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଖୁବ୍ ଉତ୍ସାହଥିବା ଦେଖିବାକୁ ମିଳିଥିଲା।

